**ରଶି ଲଗାଇ ଯୁବକଙ୍କ ଆତ୍ମହତ୍ୟା**

**ଚଣ୍ଡିଖୋଲ (ଡି.ଏନ.ଏ.):** ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ଦୌଲତପୁର ଗ୍ରାମରେ ଜଣେ ଯୁବକ ଶନିବାର ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ସେ ହେଲେ କଟକ ଜିଲା ବଡ଼ମ୍ବା ଥାନା ଅନ୍ତର୍ଗତ ଜାନି ସାହି ଅଞ୍ଚଳର କିଶୋର ଚନ୍ଦ୍ର ଜେନା(୨୬)। ଗତ କିଛି ବର୍ଷ ହେବ କିଶୋର ଦୌଲତପୁର ଗ୍ରାମରେ ରହି ରାଜମିସ୍ତ୍ରି କାର୍ଯ୍ୟ କରି ଆସୁଥିଲେ। ସେ ଶନିବାର ଗ୍ରାମର ବୁଦ୍ଧିମନ୍ତ ରାଉତଙ୍କ ଘରେ କାମ କରିବାକୁ ଯାଇଥିବା ବେଳେ ସେଠାରୁ ପଳାଇ ଆସି ତାଙ୍କ ତାରିଣୀ କ୍ଲବ୍ ଘରେ ଆତ୍ମହତ୍ୟା କରିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ତଦନ୍ତ ଚଳାଇଛି। ଆତ୍ମହତ୍ୟାର କାରଣ ଜଣାପଡ଼ିନାହିଁ। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ନଂ.୧୧୨ ରୁଜୁ ହୋଇଛି।

# ବର୍ଷେ ୫ ମାସରେ ୧୨ ବାଲ୍ୟ ବିବାହ ବନ୍ଦ

- ଏସ୍‌ଏଚ୍‌ଜି ସଦସ୍ୟାଙ୍କୁ ଦିଆଯାଉ ଦାୟିତ୍ୱ
- ସଚେତନତା କାର୍ଯ୍ୟକ୍ରମ ସନ୍ଦେହ ଘେରରେ
- ଜିଲାରେ ନାହାନ୍ତି ଡିସିପିଓ

**କେନ୍ଦ୍ରାପଡ଼ା ଅଫିସ, ୮।୧**

ବିବାହ ବୟସ ସୀମା ଏବେ ଜାତୀୟସ୍ତରରେ ପ୍ରସଙ୍ଗ ପାଲଟିଛି। ବେଟି ବଚାଓ, ବେଟି ପଢ଼ାଓ ସ୍ଲୋଗାନକୁ ଅଗ୍ରାଧିକାର ଦିଆଯାଉଛି। ତେବେ ଏହି ସ୍ଲୋଗାନ କେନ୍ଦ୍ରାପଡ଼ା ଜିଲାର ଉପାନ୍ତ ଅଞ୍ଚଳରେ କାର୍ଯ୍ୟ କରୁନାହିଁ। ଏହି ଅଞ୍ଚଳରେ ୧୮ ବର୍ଷ ପୂର୍ବରୁ ନାବାଳିକାଙ୍କ ବିବାହ ଜାରି ରହିଛି। ୨୦୧୭ରେ ଜିଲାରେ ମାତ୍ର ୪ଟି ବାଲ୍ୟ ବିବାହକୁ ରୋକା ଯାଇଥିବା ବେଳେ ୨୦୨୦ ଅଗଷ୍ଟରୁ ୨୦୨୧ ଡିସେମ୍ବର ବର୍ଷେ ୫ ମାସରେ ୧୨ଟି ବାଲ୍ୟ ବିବାହ ରୋକାଯାଇଛି। ପ୍ରଶାସନର ଅଣଦେଖାରେ ଜିଲାରେ ପ୍ରତିବର୍ଷ ଶତାଧିକ ବାଲ୍ୟ ବିବାହ ହେଉଛି। ଜିଲାରେ ଦୀର୍ଘ ୩ ବର୍ଷ ଧରି ଜିଲା ଶିଶୁ ସୁରକ୍ଷା ଅଧିକାରୀ (ଡିସିପିଓ) ନ ଥିବାବେଳେ ସଚେତନତା କାର୍ଯ୍ୟକ୍ରମକୁ ନେଇ ବୁଦ୍ଧିଜୀବୀଙ୍କ ସନ୍ଦେହ ବଢୁଛି। ସ୍ଥାନୀୟ ସ୍ୱୟଂ ସହାୟକ ଗୋଷ୍ଠୀକୁ ବାଲ୍ୟ ବିବାହ ରୋକିବା ଦାୟିତ୍ୱ ମିଳିଲେ ସମସ୍ୟାର ସମାଧାନ ହୋଇପାରିବ ବୋଲି ମତ ମିଳିଛି।

ଏ ସମ୍ପର୍କରେ ଆଇନଜୀବୀ ବିଧୁଭୂଷଣ ମହାପାତ୍ର କୁହନ୍ତି, ବାଲ୍ୟ ବିବାହ ସମାଜ ପାଇଁ ଏକ କଳଙ୍କ। ଏହାର ନିରାକରଣ ପାଇଁ ବାଲ୍ୟ ବିବାହ ନିରୋଧ ଅଧିନିୟମ ୨୦୦୬ ଓ ଓଡ଼ିଶା ବାଲ୍ୟ ବିବାହ ନିରୋଧ ନିୟମ ୨୦୦୯ କାର୍ଯ୍ୟକାରୀ ହେଉଛି। ସେହିପରି ଏପରି ଘଟଣା ସମୟକ୍ରମେ ଜୁଭେନାଇଲ ଜଷ୍ଟିସ ଆକ୍ଟ ୨୦୧୫ ଓ ମଡେଲ ଆକ୍ଟ ୨୦୧୬ରେ ପୋକ୍‌ସୋ କୋର୍ଟକୁ ଆସୁଛି। କେନ୍ଦ୍ର, ରାଜ୍ୟ ସରକାର ଏ ନେଇ ମହିଳା ଓ ଶିଶୁ ବିଭାଗ, ମିଶନ ଶକ୍ତି ବିଭାଗ, ରାଜ୍ୟ ମହିଳା ସମ୍ବଳ କେନ୍ଦ୍ର, ଚାଇଲ୍ଡ ୱେଲଫେୟାର କମିଟି, ଡିଷ୍ଟ୍ରିକ୍ଟ ଚାଇଲ୍ଡ ପ୍ରୋଟେକ୍ସନ ୟୁନିଟ ଆଦି ଗଠନ କରିଥିଲେ ମଧ୍ୟ ତୃଣମୂଳସ୍ତରରେ ଏହା କାର୍ଯ୍ୟକାରୀ ହୋଇପାରୁନାହିଁ। ଓଡ଼ିଶାରେ ବାଲ୍ୟ ବିବାହ ଘଟଣା ସଂଖ୍ୟା ସର୍ବ ଭାରତୀୟସ୍ତରରେ ୨୧ ପ୍ରତିଶତ ଥିବା ବେଳେ କେନ୍ଦ୍ରାପଡ଼ା ଜିଲାରେ ଏହାର ହାର ୧୨ ପ୍ରତିଶତରୁ ଅଧିକ ଅଛି। ଶୈଶବ ପ୍ରତି ଅନ୍ୟାୟ ହେଉଥିବାରୁ ଏହାକୁ ରୋକିବା ଆବଶ୍ୟକ ବୋଲି ସେ ମତ ଦେଇଛନ୍ତି। ଏ ସମ୍ପର୍କରେ ଆନ୍ତର୍ଜାତିକ ମାନବାଧିକାର ପରିଷଦର କେନ୍ଦ୍ରାପଡ଼ା ଜିଲା ଆବାହକ ପ୍ରତାପ ଚନ୍ଦ୍ର ପାଢୀ କୁହନ୍ତି, ରାଜନଗର ଓ ମହାକାଳପଡ଼ା ବ୍ଲକ ଅଞ୍ଚଳରେ ବାଲ୍ୟ ବିବାହ ସଂଖ୍ୟା ଅଧିକ। ଦାରିଦ୍ର୍ୟ ସହିତ ସଚେତନତା ଅଭାବ, ପାରମ୍ପରିକ ରୀତିନୀତି, ଅନୁପ୍ରବେଶକାରୀଙ୍କ ସଂରକ୍ଷଣ ଆଦି କାରଣରୁ ଏହି ଅଞ୍ଚଳରେ ବାଲ୍ୟ ବିବାହ ବଢୁଛି। ଜିଲାର ଏହି ଦୁଇ ବ୍ଲକ ଅଞ୍ଚଳରେ ବଙ୍ଗଭାଷୀଙ୍କ ସଂଖ୍ୟା ଅଧିକ। ଏଠାରେ ପ୍ରତିବର୍ଷ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କ ସଂଖ୍ୟା ବଢୁଛି। ଜିଲାରେ ସ୍ଥାୟୀ ବସବାସ ସହ ସମ୍ପର୍କ ଗଠନ ଉଦ୍ଦେଶ୍ୟରେ ନାବାଳିକାଙ୍କୁ ବିବାହ ପରି ହୀନ କାର୍ଯ୍ୟରେ ପରିବାର ସଦସ୍ୟ କାର୍ଯ୍ୟକାରୀ କରୁଛନ୍ତି। ତୃଣମୂଳସ୍ତରରେ ଏହାକୁ ରୋକିବାକୁ ସ୍ଥାନୀୟ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଦାୟିତ୍ୱ ଦିଆଯାଉ। ଏଥିସହ ବାଲ୍ୟ ବିବାହ ଘଟଣାରେ ସ୍ଥାନୀୟ ଏସ୍‌ଏଚ୍‌ଜି ନୀରବ ଥିବା ଲୋକଲୋଚନକୁ ଆସିଲେ ଉତ୍ତରଦାୟୀ କରାଯାଉ। ଫଳରେ ବାଲ୍ୟ ବିବାହ ରୋକାଯାଇ ପାରିବ ବୋଲି ସେ ମତ ଦେଇଛନ୍ତି। ଏ ସମ୍ପର୍କରେ ସୂଚନା ଅଧିକାର କର୍ମୀ ପ୍ରତାପ ଚନ୍ଦ୍ର ମହାନ୍ତି କହିଛନ୍ତି, ଜିଲା ମହିଳା ଓ ଶିଶୁ ବିକାଶ ବିଭାଗର କର୍ମଚାରୀ ଏ ନେଇ ତତ୍ପର ହେବା କଥା। ତେବେ ଜିଲାରେ ଏହି ବିଭାଗ ଷ୍ଟାଣ୍ଡୁ ପାଲଟିଛି। ବିଭାଗୀୟ ତଥ୍ୟରେ ସଚେତନତା କାର୍ଯ୍ୟକ୍ରମ ଚାଲିଥିବା ବେଳେ ଉପାନ୍ତ ଅଞ୍ଚଳରେ ଏହାର ପ୍ରଭାବ ନାହିଁ। ଏ ସମ୍ପର୍କରେ ଭାରପ୍ରାପ୍ତ ଡିସିପିଓ ପ୍ରଭାସ ଦାସ କହିଛନ୍ତି, ଜିଲାରେ ଦେଢ଼ବର୍ଷ ମଧ୍ୟରେ ଏ ନେଇ ୧୩ଟି ମାମଲା ଆସିଥିବା ବେଳେ ୧୨ଟି ବିବାହକୁ ରୋକାଯାଇ ପାରିଛି। ତେବେ ସୂଚନା ନ ମିଳିବାରୁ ଅଧିକାଂଶ ବାଲ୍ୟ ବିବାହକୁ ରୋକାଯାଇ ପାରୁନାହିଁ। ଏଥିସହ ସ୍ଥାୟୀ ଡିସିପିଓ ରହିଲେ ଏହି ପ୍ରକ୍ରିୟାର ଅଗ୍ରଗତି ହୋଇପାରିବ ବୋଲି ସେ ମତ ଦେଇଛନ୍ତି।

## ସଂକ୍ଷେପରେ

### ମାରପିଟ, ୨ କୋର୍ଟଚାଲାଣ

**ରସୁଲପୁର,୮।୧(ଡି.ଏନ.ଏ.):** କୁଆଖିଆ ଥାନା ନଠୁଆବର ପଞ୍ଚାୟତ ଟାକୁଆଠେଙ୍ଗ ଗ୍ରାମର ଜାଡ଼ି ମଲ୍ଲିକ ଓ କଲଣ ପଞ୍ଚାୟତ ନୂଆହାଟ ଗ୍ରାମର ଗୟାଧର ଦାସଙ୍କ ପରିବାର ମଧ୍ୟରେ ଶୁକ୍ରବାର ମାରପିଟ ହୋଇଛି। ଏନେଇ ଥାନାରେ ଅଭିଯୋଗ ପରେ ପୋଲିସ ଶନିବାର ଉଭୟ ପକ୍ଷରୁ ୨ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଜାଡ଼ିଙ୍କ ବାଡ଼ିରେ ମାଙ୍କଡ଼ ପଶିଥିଲେ। ତାଙ୍କ ପରିବାର ମାଙ୍କଡ଼ ପଲକୁ ଗୋଡ଼ାଇବାରୁ ସେମାନେ ପଡ଼ୋଶୀ ଗୟାଧରଙ୍କ ବାଡ଼ିରେ ପଶିଗଲେ। ଏହାକୁ କେନ୍ଦ୍ରକରି ଗଣ୍ଡଗୋଳ ହୋଇଥିଲା। ଏଥିରେ ଉଭୟ ପରିବାରରୁ ୬ଜଣ ଆହତ ହୋଇଥିଲେ। ଗଣ୍ଡଗୋଳରେ ଉଭୟ ପରିବାରରୁ ୧୦ରୁ ୧୨ଜଣଙ୍କ ସମ୍ପୃକ୍ତି ଥିବା ଦର୍ଶାଇ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ନଂ.୬/୨୨ ଓ ୮/୨୨ରେ ମାମଲା ରୁଜୁ କରିଥିଲା। ଜାଡ଼ିଙ୍କ ଅଭିଯୋଗ ବଳରେ ନୂଆହାଟ ଗ୍ରାମର ଜଗବନ୍ଧୁ ଦାସ ଓ ଗୟାଧରଙ୍କ ପରିବାର ପକ୍ଷରୁ ଶାନ୍ତିଲତା ଦାସଙ୍କ ଅଭିଯୋଗ ଆଧାରରେ ପୋଲିସ ଟାକୁଆଠେଙ୍ଗ ଗ୍ରାମର ମୋହନ ମଲ୍ଲିକଙ୍କୁ ଗିରଫ କରିଛି। ଉଭୟ ପକ୍ଷର ଅନ୍ୟ ଅଭିଯୁକ୍ତ ଫେରାର ଅଛନ୍ତି।

### ଜିମ୍ ସେଣ୍ଟରରେ ଗଣ୍ଡଗୋଳ କରି ଯୁବକ ଗିରଫ

**ଆଳି,୮।୧(ଡି.ଏନ.ଏ.):** ଆଳି ଥାନା ଅନ୍ତର୍ଗତ ପତ୍ରପୁର ନିକଟରେ ଥିବା ଏକ ଜିମ ସେଣ୍ଟରରେ ଗଣ୍ଡଗୋଳ କରିବା ଘଟଣାରେ ପୋଲିସ ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଜିମ ମାଲିକ ବିନୋଦ ବିହାରୀ ପରିଡା ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ, ଗୋପାଳପୁର ଗାଁର ଦେବାଶିଷ ମଲିକ, ସୌମ୍ୟ ରଞ୍ଜନ ମଲିକ, ତପନ ମଲିକଙ୍କ ସମେତ ଆଉ କେତେଜଣ ଯୁବକ ତାଙ୍କ ଜିମକୁ ଆସି ଗତ ୨ ତାରିଖରେ ଗଣ୍ଡଗୋଳ କରିଥିଲେ। ପୋଲିସ କେସ୍ ନଂ. ୨/୨୨ରେ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲେ। ଶନିବାର ଦେବାଶିଷଙ୍କୁ ଗିରଫ କରି କୋର୍ଟ ଚାଲାଣ କରା ଯାଇଥିବା ତଦନ୍ତ ଅଧିକାରୀ ଏଏସ୍‌ଆଇ ଗୁଣେନ୍ଦ୍ର ମଲିକ ସୂଚନା ଦେଇଛନ୍ତି। ଅପରପକ୍ଷରେ ଥାନାରେ ଦେବାଶିଷଙ୍କୁ ପୋଲିସ ନିର୍ଯାତନା ଦେଇଥିବା ପରିବାର ଲୋକ କହିଛନ୍ତି।

### ଆତଙ୍କବାଦ ବିଲୋପ ବିନା ବିଶ୍ୱରେ ଶାନ୍ତି ଅସମ୍ଭବ

**ରଘୁନାଥପୁର,୮।୧(ଡି.ଏନ୍.ଏ.):** କୋଭିଡ୍ ଭଳି ଆତଙ୍କବାଦ ବିଭିନ୍ନ ଦେଶରେ କାୟା ବିସ୍ତାର କରିଚାଲିଛି। ଏହାର ବିଲୋପ ନ ହେଲେ ପୃଥିବୀରେ ଶାନ୍ତି ଅସମ୍ଭବ। ରଘୁନାଥପୁର ବ୍ଲକ ରେଢୁଆସ୍ଥିତ ବୃନ୍ଦାବନ ଚନ୍ଦ୍ର ମହାବିଦ୍ୟାଳୟ ରାଜନୀତି ସମ୍ମାନ ବିଭାଗ ପକ୍ଷରୁ ଅନୁଷ୍ଠିତ 'ଆତଙ୍କବାଦ ବିଶ୍ୱଶାନ୍ତି ପ୍ରତି ଏକ ଆହ୍ୱାନ' ଶୀର୍ଷକରେ କଲେଜ ଅଧକ୍ଷ ସରୋଜ କୁମାର ପଣ୍ଡା ଯୋଗଦେଇ ଉପରୋକ୍ତ ମନ୍ତବ୍ୟ ଦେଇଥିଲେ। ଅଧାପକ ପ୍ରତାପ ଲେଙ୍କାଙ୍କ ସଂଯୋଜନାରେ ଆୟୋଜିତ ଏହି ସେମିନାରରେ ଶିକ୍ଷକ ସୁରେଶ ଚନ୍ଦ୍ର ରାଉତ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଅନ୍ୟତମ ଅତିଥିଭାବେ ଅଧାପକ ରାକେଶ ସାହୁ, ପୂର୍ବତନ ଛାତ୍ର ଜଗନ୍ନାଥ ରାଉତ, ପ୍ରାଧାପକ ପ୍ରସନ୍ନ ତ୍ରିପାଠୀ, ବିରସ କୁମାରୀ ନାୟକ ଓ ଅଧାପକ କେଦାର ମୁଦୁଲି, ଗଦାଧର ପାଣି ଓ ସ୍ମିତାରାଣୀ ପ୍ରଧାନ ଯୋଗଦେଇଥିଲେ । ଛାତ୍ରୀ ସଙ୍ଗୀତା ମହାରଣା, ଅରୋଶ୍ରୀ ଜେନା ଓ ସସ୍ମିତା ମହାରଣା ନିଜର ସନ୍ଦର୍ଭ ପାଠ କରିଥିଲେ। ସରୋଜ ମିଶ୍ର ଧନ୍ୟବାଦ ଦେଇଥିଲେ।

## ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଥାନା ଘେରାଉ

**ବିଞ୍ଝାରପୁର,୮।୧(ଡି.ଏନ.ଏ.)**

ଏକ ବଧୂହତ୍ୟା ମାମଲାର ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଶନିବାର ବଧୂଙ୍କ ସମ୍ପର୍କୀୟ ବିଞ୍ଝାରପୁର ଥାନା ଘେରାଉ କରିଛନ୍ତି। ପୋଲିସ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ସହ ୨ ଦିନ ମଧ୍ୟରେ ଅଭିଯୁକ୍ତଙ୍କୁ ଧରିବାକୁ ପ୍ରତିଶ୍ରୁତି ଦେଲାପରେ ସମ୍ପର୍କୀୟ ଆନ୍ଦୋଳନକାରୁ ଓହରିଛନ୍ତି।

ସୂଚନା ଅନୁଯାୟୀ, ମଙ୍ଗଳପୁର ଥାନା ନିଜାମପୁର ଗ୍ରାମର ସରୋଜ ବାଇଙ୍କ ଝିଅ ତପସ୍ୱିନୀ(୨୬) ବିଞ୍ଝାରପୁର ଥାନା ଉତ୍ତରକୂଳ ଗ୍ରାମର ଅଭିମନ୍ୟୁ ନାଥଙ୍କ ପୁଅ ବିଜୟଙ୍କୁ ୨୦୧୮ରେ ବିବାହ କରିଥିଲେ। ପରବର୍ତ୍ତୀ ସମୟରେ ତପସ୍ୱିନୀଙ୍କ ଶାଶୁଘର ଲୋକେ ଅଧିକ ଯୌତୁକ ଦାବିକରି ତାଙ୍କୁ ନିର୍ଯାତନା ଦେଇଥିଲେ। ଏହା ମଧ୍ୟରେ ଗତ ୨୫ ତାରିଖରେ ତପସ୍ୱିନୀଙ୍କ ଅସ୍ୱାଭାବିକ ମୃତ୍ୟୁ ହୋଇଥିଲା। ମାତ୍ର ତପସ୍ୱିନୀଙ୍କ ବାପଘର ଲୋକେ ଏନେଇ ଥାନାରେ ହତ୍ୟା ଅଭିଯୋଗ କରିଥିଲେ। ପୋଲିସ



ଲୋକେ ଥାନା ଘେରାଉ କରିଛନ୍ତି।

**ବଧୂହତ୍ୟା ଘଟଣା**

ନଂ.୬୭୦।୨୧ରେ ଏକ ମାମଲା ରୁଜୁକରି ଅଭିଯୁକ୍ତ ବିଜୟଙ୍କୁ ଗିରଫ କରିଥିଲା। ଏଥିସହିତ ତପସ୍ୱିନୀଙ୍କ ଯୌତୁକ ସାମଗ୍ରୀ ଜବତକରି ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ତେବେ ଘଟଣାରେ ପୋଲିସ ତପସ୍ୱିନୀଙ୍କ ଶାଶୁ, ଶ୍ୱଶୁରଙ୍କ ସମେତ ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରୁ ନ ଥିବା ଅଭିଯୋଗକରି ପ୍ରଭାତ ବିଶ୍ୱାଳ, ଅନିତା ବେହୁରିଆ, ମନୋରଞ୍ଜନ ବେହୁରିଆ, ସୁବୋଧ ବିଶ୍ୱାଳ, ମହେଶ୍ୱର ଯେନା, ତାପସ ବେହୁରିଆ, ସରୋଜୀ ଯେନା ଓ ରୁକ୍ମଣୀ ଯେନାଙ୍କ ସମେତ ବହୁ ଲୋକ ଥାନା ଘେରାଉ କରିଥିଲେ। ଆଇଆଇସିଙ୍କ ଅନୁପସ୍ଥିତରେ ଏସ୍‌ଆଇ ସୁଶାନ୍ତ ସେଠୀ ସେମାନଙ୍କୁ ବୁଝାଶୁଝା କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

## ମଣ୍ଡଳ ଭାଜପା ପକ୍ଷରୁ ସାଙ୍ଗଠନିକ ବୈଠକ

**ରସୁଲପୁର,୮।୧(ଡି.ଏନ.ଏ.)**

ରସୁଲପୁର ବ୍ଲକ ମୁଳାପାଳସ୍ଥିତ ମଣି ମନ୍ଦିର ପ୍ରାଙ୍ଗଣରେ ଭାଜପା ପକ୍ଷରୁ ୩୫ ନଂ. ମଣ୍ଡଳ କାର୍ଯ୍ୟକର୍ତ୍ତାଙ୍କୁ ନେଇ ନିର୍ବାଚନୀ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଗଠକ ଲକ୍ଷ୍ମୀଧର ପତିଙ୍କ ଆବାହକତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥିଭାବେ ଜିଲା ଭାଜପା ପ୍ରଭାରୀ ଶାରଦା ଶତପଥୀ, ଆଶୁତୋଷ ପରିଡ଼ା, ଅନୁସୂଚିତ ଜନଜାତି ସଂଯୋଜକ ରବିନାରାୟଣ ବେହେରା, ପ୍ରଫୁଲ୍ଲ ଗିରି, ମଣ୍ଡଳ ସଭାପତି ମାୟାଧର ପଲେଇ, ପ୍ରଫୁଲ୍ଲ ଶତପଥୀ, ନାରାୟଣ କର, ଲକ୍ଷ୍ମୀଧର ଭୋଇ ପ୍ରମୁଖ ଯୋଗଦେଇ ମଣ୍ଡଳର ବିଭିନ୍ନ ସମସ୍ୟା ସମ୍ପର୍କରେ କାର୍ଯ୍ୟକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ମଣ୍ଡଳ ଅଧୀନ ୭ ପଞ୍ଚାୟତର ବରିଷ୍ଠ କାର୍ଯ୍ୟକର୍ତ୍ତାଙ୍କୁ ନେଇ ଦଳୀୟ ସଂଗଠନ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଆସନ୍ତା ପଞ୍ଚାୟତ ନିର୍ବାଚନରେ ଦଳର ଆଭିମୁଖ୍ୟ ଓ ରଣନୀତି ସମ୍ପର୍କରେ ଅତିଥି ସୂଚନା ପ୍ରଦାନ କରିବା ସହ କେନ୍ଦ୍ର ସରକାରଙ୍କ ଜନାଭିମୁଖୀ କାର୍ଯ୍ୟକ୍ରମ ସମ୍ପର୍କରେ ଲୋକଙ୍କୁ ଅବଗତ କରାଇବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିସହ ମଣ୍ଡଳର ନୂତନ କାର୍ଯ୍ୟକର୍ତ୍ତା ମନୋନୟନ କରାଯାଇ ଏହି ଅବସରରେ ଅବସରପ୍ରାପ୍ତ ପୋଲିସ ଅଧିକାରୀ ଦୁଃଶାସନ ରାଉତ ଦଳରେ ସାମିଲ ହୋଇଥିଲେ।

## ଚୋରମୁହାଁ, ଗଙ୍ଗାଧରପୁର ବିଜୟୀ

**ଧର୍ମଶାଳା,୮।୧(ଡି.ଏନ.ଏ.)**

ଜାରକା ଷ୍ଟାଡିୟମରେ ଚାଲିଥିବା କଳ୍ପତରୁ ଦାସ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ସେମିଫାଇନାଲ ମ୍ୟାଚରେ ଶନିବାର ଚୋରମୁହାଁ ଓ ଗଙ୍ଗାଧରପୁର ଟିମ୍ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛନ୍ତି। ପ୍ରଥମ ସେମିଫାଇନାଲ ମ୍ୟାଚରେ ପ୍ରମାଖଣ୍ଡି ଟିମ୍ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୮ ଉଇକେଟ ହରାଇ ୯୪ ରନ କରିଥିଲା। ଚୋରମୁହାଁ ଟିମ୍ ବ୍ୟାଟିଂ କରି ୧୪.୩ ଓଭରରେ ୭ ଉଇକେଟ ହରାଇ ୯୮ ରନ କରି ବିଜୟୀ ହୋଇଥିଲା। ଦ୍ୱିତୀୟ ସେମିଫାଇନାଲ ମ୍ୟାଚରେ ପରୁଣିଆ ଟିମ୍ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୮ ଉଇକେଟ ହରାଇ ୧୦୭ରନ କରିଥିଲା। ଗଙ୍ଗାଧରପୁର ଟିମ୍ ବ୍ୟାଟିଂ କରି ୧୩.୨ ଓଭରରେ ୫ ଉଇକେଟ ହରାଇ ୧୦୮ ରନ କରି ବିଜୟୀ ହୋଇଥିଲା। ମ୍ୟାଚ୍‌କୁ ଇନ୍ତେକାବ ଆଲମ, ତ୍ରିଲୋଚନ ଦାସ ଓ ସୁବ୍ରତ ଜେନା ପରିଚାଳନା କରିଥିଲେ।

## ଶିଳାନ୍ୟାସ ନାଁରେ ଶକ୍ତି ପ୍ରଦର୍ଶନ

**ପଟ୍ଟାମୁଣ୍ଡାଇ,୮।୧(ସ୍ୱ.ପ୍ର.)**

କେନ୍ଦ୍ରାପଡ଼ା ନିର୍ବାଚନମଣ୍ଡଳୀରେ ବିଜେଡି ସଙ୍ଗଠନକୁ ସୁଦୃଢ଼ କରିବାକୁ ବିଧାୟକ ଶଶୀ ଭୂଷଣ ବେହେରା ମିଶ୍ରଣ ପର୍ବ ସହ ପଞ୍ଚାୟତ ନିର୍ବାଚନ ପ୍ରସ୍ତୁତି ପୂରା ଦମ୍‌ରେ ଆରମ୍ଭ କରିଛନ୍ତି। ଶିଳାନ୍ୟାସ ନାଁରେ ସେ ନିଜର ଶକ୍ତି ପ୍ରଦର୍ଶନ କରିଛନ୍ତି। ପଟ୍ଟାମୁଣ୍ଡାଇ ବ୍ଲକର ଧୋୟାଅଞ୍ଚଳର ୧୨ ପଞ୍ଚାୟତକୁ ଫୋକସ କରିଛନ୍ତି। ବିଜେଡିର ସବୁ ଗୋଷ୍ଠୀର ନେତାଙ୍କୁ ଏକାଠି କରି ପଞ୍ଚାୟତ ନିର୍ବାଚନରେ କାମ କରିବାକୁ କହିଛନ୍ତି।

## ବିଜେଡି କର୍ମୀ ସମ୍ମିଳନୀ

**ତିର୍ତ୍ତୋଲ, ୮।୧ (ଡି.ଏନ.ଏ.)**

ତିର୍ତ୍ତୋଲ ବ୍ଲକ ଅଧୀନ ତୁଳଙ୍ଗ ପଞ୍ଚାୟତରେ ବିଜେଡିର କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଦଳୀୟ ପଞ୍ଚାୟତ ସଭାପତି ବାବାଜୀ ଚରଣ ରାଉତଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ ବିଜେଡି ସଭାପତି ଗଙ୍ଗାଧର ବିଶ୍ୱାଳ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ତିର୍ତ୍ତୋଲ ବିଧାୟକ ବିଜୟଶଙ୍କର ଦାସ ଯୋଗଦେଇ ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଦଳୀୟ ସମର୍ଥିତ ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ଆହ୍ୱାନ ଦେଇଥିଲେ। ବ୍ଲକ ଯୁବ ବିଜେଡି ସଭାପତି ପ୍ରସନ୍ନ ମଲ୍ଲିକ ଓ ଆମ୍ବା ଅଧକ୍ଷ ବସନ୍ତ ମହାପାତ୍ର ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦଳୀୟ ପର୍ଯ୍ୟବେକ୍ଷକ ମନୋଜ ମହାନ୍ତି, ଆଶିଷ ସ୍ୱାଇଁ, କୃଷ୍ଣଚନ୍ଦ୍ର ମଲ୍ଲିକ, ନିବେଦିତା ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ।

## ସଂଶୋଧିତ ସଂରକ୍ଷିତ ତାଲିକା ପ୍ରକାଶିତ

**ପଟ୍ଟାମୁଣ୍ଡାଇ,୮।୧(ସ୍ୱ.ପ୍ର.)**

ପଟ୍ଟାମୁଣ୍ଡାଇ ପୌର ପରିଷଦ ସଂଶୋଧିତ ୱାର୍ଡ ସଂରକ୍ଷିତ ଚୂଡ଼ାନ୍ତ ତାଲିକା ଶୁକ୍ରବାର ପ୍ରକାଶ ପାଇଛି। ଆସନ୍ତା ୧୨ ତାରିଖ ମଧ୍ୟରେ ସଂରକ୍ଷଣ ତାଲିକାକୁ ନେଇ ଆପତ୍ତି ଅଭିଯୋଗ ଦାଖଲ କରିବାକୁ ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି। ପୂର୍ବ ତାଲିକାରେ ପରିବର୍ତ୍ତନ ହୋଇଛି। ପଟ୍ଟାମୁଣ୍ଡାଇ ପୌର ପରିଷଦର ୧ନଂ. ୱାର୍ଡ ଷଣ୍ଢପଲ୍ଲୀକୁ ସାଧାରଣବର୍ଗ ମହିଳାଙ୍କ ପାଇଁ ସଂରକ୍ଷିତ ରହିଛି। ସେହିପରି ଷଣ୍ଢପଲ୍ଲୀ ୨ନଂ. ୱାର୍ଡ ଓ ତନୁପୁର ୩ନଂ. ୱାର୍ଡ ଅସଂରକ୍ଷିତ ରହିଛି। ତନୁପୁର ୪ନଂ. ୱାର୍ଡ ମଧ୍ୟ ସାଧାରଣବର୍ଗର ମହିଳାଙ୍କ ପାଇଁ ସଂରକ୍ଷିତ ରହିଛି। କଷଣଅଣ୍ଟା ୫ନଂ. ୱାର୍ଡ ଅନୁସୂଚିତ ଜାତି ଲାଗି ଥିବାବେଳେ କଷଣଅଣ୍ଟା ୬ନଂ. ୱାର୍ଡ କିନ୍ତୁ ଅନୁସୂଚିତ ଜାତି ମହିଳାଙ୍କ ପାଇଁ ସଂରକ୍ଷିତ ରହିଛି। ବାଲିପଡା ଓ ବଳଦେବ ନଗର ୭ନଂ. ୱାର୍ଡ ଏବଂ ବାଲିପଡା ୮ନଂ. ୱାର୍ଡ ଅସଂରକ୍ଷିତ ଥିବାବେଳେ ପଟ୍ଟାମୁଣ୍ଡାଇ ୧୦ନଂ. ୱାର୍ଡ ଅନୁସୂଚିତ ଜାତିଙ୍କ ପାଇଁ ସଂରକ୍ଷିତ ରହିଛି।

**ପଟ୍ଟାମୁଣ୍ଡାଇ ପୌର ପରିଷଦ**

ପଟ୍ଟାମୁଣ୍ଡାଇ ୧୧ନଂ. ୱାର୍ଡଟି ସାଧାରଣବର୍ଗ ମହିଳାଙ୍କ ପାଇଁ ସଂରକ୍ଷିତ ରହିଛି। ବକ୍ତାରପୁର ୧୨ନଂ. ୱାର୍ଡଟି ଅନୁସୂଚିତ ଜାତି ମହିଳାଙ୍କ ପାଇଁ ସଂରକ୍ଷିତ ଥିବାବେଳେ ପୋଖରିଆପଡା ଓ ପ୍ରହରାଜପୁର ୧୩ ନଂ. ୱାର୍ଡଟି ମହିଳାଙ୍କ ପାଇଁ ସଂରକ୍ଷିତ ରହିଛି। ପୋଖରିଆପଡା ୧୪ନଂ., ଅଳଭା ୧୫ନଂ. ୱାର୍ଡଟି ଅସଂରକ୍ଷିତ ରହିଛି। ମାଟିଆ ୧୬ନଂ. ୱାର୍ଡ ଅନୁସୂଚିତ ଜାତିଙ୍କ ପାଇଁ ସଂରକ୍ଷିତ ରହିଛି। ମାଟିଆ ୧୭ନଂ. ୱାର୍ଡଟି ସାଧାରଣବର୍ଗର ମହିଳାଙ୍କ ପାଇଁ ସଂରକ୍ଷିତ ଥିବାବେଳେ ତାତନା ଓ ଦକ୍ଷିଣଦିଆ ୧୮ନଂ. ୱାର୍ଡ ଅନୁସୂଚିତ ଜନଜାତି ମହିଳାଙ୍କ ପାଇଁ ସଂରକ୍ଷିତ ରଖାଯାଇଛି। ବେଲତଳ ୧୯ନଂ. ୱାର୍ଡ ଅସଂରକ୍ଷିତ ଥିବାବେଳେ ୨୦ନଂ. ବେଲତଳ ବନ୍ଧପଡା ୱାର୍ଡଟି ପୂର୍ବଭଳି ଅନୁସୂଚିତ ଜାତି ମହିଳାଙ୍କ ପାଇଁ ସଂରକ୍ଷିତ ରହିଛି।

## ଆସନ ସଂରକ୍ଷଣ ବାତିଲକୁ ବିରୋଧ

**ଜେନାପୁର,୮।୧(ଡି.ଏନ.ଏ.)**

ଧର୍ମଶାଳା ବ୍ଲକ ମର୍ଜିତାପୁର ପଞ୍ଚାୟତ ଅଧୀନ ହରଗୌରୀ ସ୍କୁଲ ପରିସରରେ ଦଳିତ ସଂଗଠନ ପକ୍ଷରୁ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ରସାନନ୍ଦ ମଳିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ କୁହାଯାଇଛି, ଧର୍ମଶାଳା ନିର୍ବାଚନମଣ୍ଡଳୀ ଅଧୀନ ୧୧ ନଂ. ଜୋନର ୩ ପଞ୍ଚାୟତ ଯଥା: ମଧୁସୂଦନପୁର, ମାର୍ଜିତାପୁର ଓ ତାଳଜଙ୍ଗ ଆସନ ଚଳିତବର୍ଷ ସଂରକ୍ଷଣ ବୋଲି ଘୋଷଣା କରାଯାଇଥିଲା। ଫଳରେ ଦଳିତ ବର୍ଗର ଲୋକେ ପ୍ରାର୍ଥୀ ହେବା ପାଇଁ ଆଶା ବାନ୍ଧିଥିଲେ। ତେବେ ପ୍ରକାଶିତ ଚୂଡ଼ାନ୍ତ ସଂରକ୍ଷଣ ତାଲିକାରେ ଏହି ତିନୋଟି ପଞ୍ଚାୟତର ସଂରକ୍ଷଣକୁ ବାତିଲ କରାଯାଇଛି। ତେଣୁ ସଂରକ୍ଷଣ ତାଲିକା ଉପରେ ପୁନର୍ବିଚାର କରିବା ପାଇଁ ଦାବି କରାଯାଇଛି। ବୈଠକରେ କାଳନ୍ଦୀ ମଳିକ, ହୃଷୀକେଶ ଜେନା, ଲକ୍ଷ୍ମୀଧର ମଳିକ ଓ କେଦାର ମଳିକଙ୍କ ସମେତ ଜୋନର ବହୁ ବ୍ୟକ୍ତି ଯୋଗ ଦେଇଥିଲେ।

## ପାନବରଜ ପରେ ଗଛ ଚିହ୍ନଟ ଆରମ୍ଭ



ପ୍ରଶାସନିକ କର୍ମଚାରୀମାନେ ଗଛ ଚିହ୍ନଟ କରୁଛନ୍ତି।

**କୁଜଙ୍ଗ,୮।୧(ଡି.ଏନ୍.ଏ.)**

ଏରସମା ତହସିଲ ଅନ୍ତର୍ଗତ ଢିଙ୍କିଆ ଚାରିଦେଶରେ ପ୍ରସ୍ତାବିତ ଜେଏସଡବ୍ଲ୍ୟୁ ପ୍ରକଳ୍ପ ନିମନ୍ତେ ଜମି ଅଧିଗ୍ରହଣ ଜାରି ରହିଥିବାବେଳେ ଶନିବାରଠାରୁ ପଞ୍ଚାୟତର ପାଟଣା, ମାହଳ ଓ ଗୋବିନ୍ଦପୁର ଗାଁରେ ଗଛ ଚିହ୍ନଟ ପ୍ରକ୍ରିୟା ଆରମ୍ଭ ହୋଇଛି। ଏଗୁଡିକ ମଧ୍ୟରେ ସଜନା, କାଜୁ, ଆମ୍ବ, ପଣସ, କଦଳୀ ଆଦି ରହିଛି । ଉଦ୍ୟାନ ବିଭାଗ ଦ୍ୱାରା ଏହାକୁ ମୂଲ୍ୟାୟନ କରାଯିବା ପରେ କ୍ଷତିପୂରଣ ପ୍ରଦାନ କରାଯିବ ବୋଲି ତହସିଲଦାର ପ୍ରଜ୍ଞାନନ୍ଦ ଦାସ ପ୍ରକାଶ କରିଛନ୍ତି। ପ୍ରଥମ ଦିନରେ ୨୦୦ ଗଛ ଚିହ୍ନଟ କରାଯାଇଛି। ଏପର୍ଯ୍ୟନ୍ତ ୨୭୦ଟି ପାନବରଜ ମାପଚୁପ କରାଯାଇଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି। ଅପରପକ୍ଷେ ପ୍ରଶାସନ ଓ କମ୍ପାନୀ କର୍ତ୍ତୃପକ୍ଷ ମାଲିକଙ୍କ ବିନା ସହମତିରେ ଜୋର ଜବରଦସ୍ତ ପାନବରଜ ଭାଙ୍ଗୁଛନ୍ତି ବୋଲି ଢିଙ୍କିଆର ପୁନି ଦାସ ଓ ରମେଶ ମଲ୍ଲିକ ଗଣମାଧ୍ୟମ ସମ୍ମୁଖରେ ଅଭିଯୋଗ କରିଛନ୍ତି। ସେମାନେ ଢିଙ୍କିଆ ଗାଁ ମୁଣ୍ଡ ଫାଟକ ସମ୍ମୁଖରେ ଜଗିରହିଥିବା ବେଳେ ପ୍ରଶାସନ ଟ୍ରାକ୍ଟର ଲଗାଇ ପାନବରଜ ଭାଙ୍ଗିଦେଇଛି। ଏ ସମ୍ପର୍କରେ ତହସିଲଦାର କହିଛନ୍ତି, ଏସବୁ ବିଷୟରେ ସେ କିଛି ଜାଣିନାହାନ୍ତି। ଯଦି ଜୋର ଜବରଦସ୍ତ ପାନବରଜ ଭଙ୍ଗାଯାଇଥିବା ନେଇ ମାଲିକ ଅଭିଯୋଗ କରନ୍ତି, ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ।

## ସ୍ୱାଧୀନତା ସଂଗ୍ରାମୀ ସରସ୍ୱତୀ ଦେବୀଙ୍କ ଜୟନ୍ତୀ

**କେନ୍ଦ୍ରାପଡ଼ା ଅଫିସ, ୮।୧**

କେନ୍ଦ୍ରାପଡ଼ା ଜିଲା ରାଜନଗର ବିଧାନସଭା ମଣ୍ଡଳୀର ପ୍ରଥମ ବିଧାୟିକା ତଥା ସ୍ୱାଧୀନତା ସଂଗ୍ରାମୀ ସରସ୍ୱତୀ ଦେବୀଙ୍କ ୧୦୮ତମ ଜୟନ୍ତୀ ଉତ୍ସବ ସହରର ଗରାପୁରଠାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରାପଡ଼ା ଜିଲା ସରକାରୀ ଅବସରପ୍ରାପ୍ତ କର୍ମଚାରୀ ସଂଘ ପକ୍ଷରୁ ଆୟୋଜିତ ଉତ୍ସବରେ ସଭାପତି ଡ. ଉପେନ୍ଦ୍ରନାଥ ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ଏଥିରେ ଶିକ୍ଷାବିତ୍ ଅଜୟ କୁମାର ସାମଲ, ବୈଷ୍ଣବ ଚରଣ ସ୍ୱାଇଁ, ଅମିୟ ନାୟକ, ମଧୁସୂଦନ ରାଉତ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସ୍ୱାଧୀନତା ସଂଗ୍ରାମ, ରାଜନୀତି ଓ ସମାଜ ଗଠନରେ ତାଙ୍କର ଜୀବନକାଳ ବିତିଥିଲା। ଅନ୍ୟମାନଙ୍କ ମଧ୍ୟରେ ଗୋପାଳକୃଷ୍ଣ ଜେନା, ଗୌରାଙ୍ଗ ଚରଣ ସାହୁ, ମଧୁସୂଦନ ବାରିକ ପ୍ରମୁଖ ଏହି ଉତ୍ସବରେ ନିଜ ନିଜର ମତ ଉପସ୍ଥାପନ କରିଥିଲେ।

## ରାସ୍ତାରେ ବିଛଣା ପକାଇ ଦମ୍ପତିଙ୍କ ପ୍ରତିବାଦ



ବାପି ଓ ତାଙ୍କ ପରିବାର ରାସ୍ତାରେ ବିଛଣା ପକାଇ ପ୍ରତିବାଦ କରୁଛନ୍ତି।

**ପାରାଦୀପ,୮।୧(ସ୍ୱ.ପ୍ର.)**

ପାରାଦୀପ ୫ ନଂ (କ) ରାଜପଥରୁ ଇଫ୍‌କୋ କାରଖାନାକୁ ସଂଯୋଗ କରୁଥିବା ମୁଖ୍ୟ ଫାଟକ ପାଖରେ ଶନିବାର ଅପରାହ୍ନରେ ସ୍ଥାନୀୟ ଅଞ୍ଚଳର ଗୋଟିଏ ଦମ୍ପତି ଅଭିନବ ପ୍ରତିବାଦ କରିଛନ୍ତି। ବାପି ଓ ତାଙ୍କ ପରିବାର ଉକ୍ତ ରାସ୍ତାରେ ବିଛଣା ପକାଇ ଅବରୋଧ କରିବାରୁ ଅଧଘଣ୍ଟା ପର୍ଯ୍ୟନ୍ତ ଯାତାୟାତ ବାଧାପ୍ରାପ୍ତ ହୋଇଛି। ଖବରପାଇ ପାରାଦୀପ ଆଦର୍ଶଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କୁ ରାସ୍ତାରୁ ହଟାଇବାରୁ ଯାତାୟାତ ସ୍ୱାଭାବିକ ହୋଇଛି। ସମ୍ପୃକ୍ତ ଦମ୍ପତି ସେମାନଙ୍କ ଉଠା ଦୋକାନ ଖୋଲି ନ ପାରିବାରୁ ଏଭଳି ପ୍ରତିବାଦ କରିଥିବା ସୂଚନା ମିଳିଛି। ବାପି ଓ ତାଙ୍କ ସ୍ତ୍ରୀ ଇଫ୍‌କୋ ଏସାରଷ୍ଟିଲ କାରଖାନା ସଂଯୋଗୀକରଣ ରାସ୍ତା କଡ଼ରେ ଉଠା ଦୋକାନ କରିଥିଲେ। କୌଣସି କାରଣରୁ ଇଫ୍‌କୋ କମ୍ପାନୀ ସିକ୍ୟୁରିଟି ଗାର୍ଡ ସହ ସେମାନଙ୍କ ଝଗଡା ହୋଇଥିଲା। ଏହି ଘଟଣାରେ ସିକ୍ୟୁରିଟିଗାର୍ଡମାନେ ଦୋକାନ ଖୋଲିବାକୁ ବାରଣ କରିବାରୁ ପରିସ୍ଥିତି ବିଗିଡ଼ି ଯାଇଥିଲା।

# ଏସ୍‌ସି ମହିଳା ହେବେ ଜିଲାପରିଷଦ ସଭାପତି

## ଜିଲା ପରିଷଦ ଆସନ ଚୂଡ଼ାନ୍ତ ସଂରକ୍ଷଣ ତାଲିକା

**ଯାଜପୁର ଅଫିସ,୮।୧**

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ-୨୦୨୨ ପାଇଁ ଜିଲା ପରିଷଦ ଆସନଗୁଡ଼ିକର ଚୂଡ଼ାନ୍ତ ସଂରକ୍ଷଣ ତାଲିକା ପ୍ରକାଶ ପାଇଛି। ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ନିର୍ଦ୍ଦେଶକ ଜ୍ଞାନ ଦାସ ଶୁକ୍ରବାର ଅଧିସୂଚନା ଜାରି କରିଛନ୍ତି। ଯାଜପୁର ଜିଲାର ୩୧ଟି ଜିଲା ପରିଷଦ ଆସନ ମଧ୍ୟରୁ ୯ଟିରେ ଅନୁସୂଚିତ ଜାତି(୫ ମହିଳା), ୩ଟିରେ ଅନୁସୂଚିତ ଜନଜାତି (୨ ମହିଳା) ଏବଂ ୨୦ଟିରେ ଅଣସଂରକ୍ଷିତ(୧୩ ମହିଳା)ଙ୍କୁ ସ୍ଥାନ ମିଳିଛି। ଜିଲା ପରିଷଦ ସଭାପତି ଆସନ ଅନୁସୂଚିତ ଜାତି ମହିଳାଙ୍କ ପାଇଁ ସଂରକ୍ଷିତ ରହିଛି। ଜିଲା ପରିଷଦ ଆସନଗୁଡ଼ିକ ମଧ୍ୟରେ କୋରେଇ-୧ ଅନୁସୂଚିତ ଜାତି ମହିଳା, କୋରେଇ-୨ ଅନୁସୂଚିତ ଜାତି, କୋରେଇ-୩ ଅନୁସୂଚିତ ଜାତି (ମହିଳା), ଦଶରଥପୁର-୧ ଅଣସଂରକ୍ଷିତ, ଦଶରଥପୁର-୨ ଓ ୩ ଆସନ ପାଇଁ ଅନୁସୂଚିତ ଜାତି(ମହିଳା), ଦଶରଥପୁର-୪ ମହିଳା, ଦାନଗଦି-୧ ମହିଳା, ଦାନଗଦି-୨ ଅନୁସୂଚିତ ଜନଜାତି(ମହିଳା), ଦାନଗଦି-୩ ମହିଳା, ଧର୍ମଶାଳା-୧ ଓ ୨ ଅଣସଂରକ୍ଷିତ, ଧର୍ମଶାଳା-୩ ମହିଳା, ଧର୍ମଶାଳା-୪ ଅଣସଂରକ୍ଷିତ, ଧର୍ମଶାଳା-୫ ଅନୁସୂଚିତ ଜାତି, ବଡ଼ଚଣା-୧ ଓ ୨ ଅଣସଂରକ୍ଷିତ, ବଡ଼ଚଣା-୩ ମହିଳା, ବଡ଼ଚଣା-୪ ଅଣସଂରକ୍ଷିତ, ବଡ଼ଚଣା-୫ ଅନୁସୂଚିତ ଜାତି(ମହିଳା), ବରୀ-୧, ୨ ଓ ୪ ଅଣସଂରକ୍ଷିତ, ବରୀ-୩ ମହିଳା, ବିଞ୍ଝାରପୁର-୧ ଓ ୩ ମହିଳା, ବିଞ୍ଝାରପୁର-୨ ଓ ୪ ଅଣସଂରକ୍ଷିତ, ଯାଜପୁର-୧ ଓ ୩ ଅନୁସୂଚିତ ଜାତି, ଯାଜପୁର-୨ ଓ ୪ ମହିଳା, ରସୁଲପୁର-୧ ଅଣସଂରକ୍ଷିତ, ରସୁଲପୁର-୨, ୩ ଓ ୪ ମହିଳା, ସୁକିନ୍ଦା-୧ ଅନୁସୂଚିତ ଜନଜାତି (ମହିଳା), ସୁକିନ୍ଦା-୨ ଅନୁସୂଚିତ ଜନଜାତି ଓ ସୁକିନ୍ଦା-୩ ଅଣସଂରକ୍ଷିତଙ୍କ ପାଇଁ ସଂରକ୍ଷିତ ରହିଛି।

## ବ୍ଲକ ଅଧ୍ୟକ୍ଷ, ସରପଞ୍ଚ ପଦବୀରେ ଏସ୍‌ଟିଙ୍କୁ ଉପେକ୍ଷା

**ଚୂଡ଼ାନ୍ତ ସଂରକ୍ଷଣ ତାଲିକା ପ୍ରକାଶିତ**

**ଯାଜପୁର ଅଫିସ,୮।୧**

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ୧୦ ବ୍ଲକ ଅଧ୍ୟକ୍ଷା/ଅଧ୍ୟକ୍ଷ, ୩୧୧ ସରପଞ୍ଚ ଓ ସମିତିସଭ୍ୟା/ସଭ୍ୟ, ୪୪୪୫ ୱାର୍ଡମେମ୍ବର ପଦବୀ ପାଇଁ ଚୂଡ଼ାନ୍ତ ସଂରକ୍ଷଣ ତାଲିକା ପ୍ରକାଶ ପାଇଛି। ତେବେ ବ୍ଲକ ଅଧ୍ୟକ୍ଷ ଓ ସରପଞ୍ଚ ପଦବୀରେ ଅନୁସୂଚିତ ଜନଜାତି (ଏସ୍‌ଟି)ଙ୍କୁ ଉପେକ୍ଷା କରାଯାଇଛି। ବ୍ଲକ ଅଧ୍ୟକ୍ଷା/ଅଧ୍ୟକ୍ଷ ପଦବୀଗୁଡ଼ିକୁ ଦେଖିଲେ କୋରେଇ ବ୍ଲକ ଅନୁସୂଚିତ ଜାତି(ଏସ୍‌ସି) ମହିଳାଙ୍କ ପାଇଁ ସଂରକ୍ଷିତ ହୋଇଥିବାବେଳେ ଦଶରଥପୁର ଏସ୍‌ସି, ଦାନଗଦି ମହିଳା, ଧର୍ମଶାଳା ଅଣସଂରକ୍ଷିତ, ବଡ଼ଚଣା ମହିଳା, ବରୀ ଏସ୍‌ସି, ବିଞ୍ଝାରପୁର ଏସ୍‌ସି ମହିଳା, ଯାଜପୁର ମହିଳାଙ୍କ ନିମନ୍ତେ ସଂରକ୍ଷଣ ହୋଇଛି। ସେହିପରି ରସୁଲପୁର ଓ ସୁକିନ୍ଦା ବ୍ଲକ ଅଧ୍ୟକ୍ଷ ପଦବୀ ଅଣସଂରକ୍ଷିତ ରହିଛି। ସେହିପରି ଜିଲାର ୪୨ଟି ସରପଞ୍ଚ ପଦବୀ ଏସ୍‌ସି, ୪୭ଟି ଏସ୍‌ସି(ମହିଳା), ୧୧୦ଟି ଅଣସଂରକ୍ଷିତ ଓ ୧୧୨ଟି ପଦବୀ ମହିଳାଙ୍କ ପାଇଁ ସଂରକ୍ଷିତ ରହିଛି। ତେବେ ଏସ୍‌ଟିଙ୍କ ପାଇଁ ସରପଞ୍ଚ ପଦବୀରେ କୌଣସି ସଂରକ୍ଷଣ ନାହିଁ। ସମିତି ସଭ୍ୟ ପଦବୀ ପାଇଁ ୩୫ ଏସ୍‌ସି, ୪୧ ଏସ୍‌ସି(ମହିଳା), ୧୦ ଏସ୍‌ଟି, ୧୮ ଏସ୍‌ଟି(ମହିଳା), ୧୦୭ ଅଣସଂରକ୍ଷିତ ଓ ୧୦୦ ସଂରକ୍ଷିତ(ମହିଳା) ରହିଛି। ୱାର୍ଡମେମ୍ବର ପଦବୀରେ ୪୫୨ ଏସ୍‌ସି, ୬୦୮ ଏସ୍‌ସି(ମହିଳା), ୯୪ ଏସ୍‌ଟି, ୨୬୪ ଏସ୍‌ଟି ମହିଳା, ୧୫୨୩ ଅଣସଂରକ୍ଷିତ ଓ ୧୫୦୪ ମହିଳାଙ୍କ ପାଇଁ ସ୍ଥାନ ରହିଛି।

## ପାଟକୁରାରେ ୨୨ ଏସ୍‌ଏଚ୍‌ଜିଙ୍କୁ ୧୧ଲକ୍ଷ ଋଣ ପ୍ରଦାନ

**ପାଟକୁରା, ୮।୧(ଡି.ଏନ.ଏ.)**

ପାଟକୁରା ହାଇସ୍କୁଲ ପ୍ରାଙ୍ଗଣରେ ଗରଦପୁର ବ୍ଲକ ଓଡ଼ିଶା ମିଶନ ଶକ୍ତି ପକ୍ଷରୁ ପଞ୍ଚାୟତସ୍ତରୀୟ ଋଣମେଳା ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ବ୍ଲକ ବିଜେଡି ସଭାପତି ଶଶାଙ୍କ ପରିଡା ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ବିଧାୟିକା ସାବିତ୍ରୀ ଅଗ୍ରୱାଲା ଯୋଗଦେଇ ୨୨ ଏସ୍‌ଏଚ୍‌ଜିଙ୍କୁ ୧୧ ଲକ୍ଷ ଋଣ ଚେକ୍ ଆକାରରେ ବଣ୍ଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଧାୟକ ପ୍ରତିନିଧି ସଞ୍ଜୟ ଅଗ୍ରୱାଲା, ବ୍ଲକ ଓଡ଼ିଶା ମିଶନ ଶକ୍ତିର କାର୍ଯ୍ୟକ୍ରମ ସଂଯୋଜକ ଅଖିଳ ଆଚାର୍ଯ୍ୟ, ମହିଳା ବିଜେଡି ବ୍ଲକ ସଭାନେତ୍ରୀ ଏବଂ ପଦ୍ମପୁର ସରପଞ୍ଚ ଉପସ୍ଥିତ ଥିଲେ।

## କଟକଣା ଯୋଗୁ ପ୍ଲାଟିନମ ଜୁବିଲି ସ୍ଥଗିତ

ଖଣ୍ଡପଡ଼ା(ସ୍ୱ.ପ୍ର.: କୋଭିଡ୍ କଟକଣାକୁ ନଜରରେ ରଖି ଖଣ୍ଡପଡ଼ା ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ପ୍ଲାଟିନମ ଜୁବୁଲି ଉତ୍ସବକୁ ସ୍ଥଗିତ ରଖାଯାଇଛି । ଚଳିତ ମାସ ୩ୟ ସପ୍ତାହରେ ବିଦ୍ୟାଳୟର ପ୍ଲାଟିନମ ଜୁବୁଲୁ ଉତ୍ସବ ପାଳନ ପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଥିଲା । ମାତ୍ର ସରକାରଙ୍କ ପକ୍ଷରୁ ମେଳା ଓ ମହୋତ୍ସବ ପାଳନ ଉପରେ ରୋକ୍ ଲଗାଯିବା ସହ କଟକଣା ଜାରି କରାଯାଇଛି। ଏହାକୁ ଦୃଷ୍ଟିରେ ରଖି ପ୍ଲାଟିନମ୍ ଜୁବୁଲି ଉତ୍ସବ ପାଳନକୁ ସ୍ଥଗିତ ରଖାଯାଇଛି ବୋଲି ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କଠାରୁ ସୂଚନା ମିଳିଛି ।

## ସଂକ୍ଷେପରେ

### ବ୍ୟବସାୟୀଙ୍କୁ ୧୦ବର୍ଷ ସଶ୍ରମ କାରାଦଣ୍ଡ

#### ୨.୯୪କୁଇଣ୍ଟାଲ ଗଞ୍ଜେଇ ଜବତ ମାମଲା

**ନୟାଗଡ଼ ଅଫିସ,୮।୧:** ନୟାଗଡ଼ ଜିଲା ଦୌରାଜଜଙ୍କ କୋର୍ଟରେ ୨ କୁଇଣ୍ଟାଲ ୯୪ କେଜି ଗଞ୍ଜେଇ ଜବତ ଘଟଣାର ରାୟ ଶୁକ୍ରବାର ପ୍ରକାଶ ପାଇଛି। ଜିଲା ଦୌରାଜଜ ରୂପଶ୍ରୀ ଚୌଧୁରୀ ମକଦ୍ଦମାର ବିଚାର କରି ଗଞ୍ଜେଇ ବ୍ୟବସାୟୀଙ୍କୁ ୧୦ବର୍ଷ ସଶ୍ରମ କାରାଦଣ୍ଡ ଓ ୧ଲକ୍ଷ ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି । ଜରିମାନା ଅନାଦେୟ ପୁଣି ଅଧିକ ୬ମାସ ଜେଲଦଣ୍ଡ ଆଦେଶ ରହିଛି। ମାମଲାର ବିବରଣୀ ଅନୁଯାୟୀ, ୨୦୦୭ ଜୁଲାଇ ୩୧ରେ ଟାଟା ଟ୍ରାଭେରା କାର ସହ ୨.୯୪କୁଇଣ୍ଟାଲ ଗଞ୍ଜେଇ ଜବତ ହୋଇଥିଲା । ଏହି ଘଟଣାରେ ପୁରୀ ଜିଲା ଡେଲାଙ୍ଗ ଥାନା ଜେନାପୁରର ଶତ୍ରୁଘ୍ନ ବସନ୍ତରାଙ୍କୁ ଗିରଫ କରି ପୋଲିସ ଜେଲ୍ ପଠାଇଥିଲା। ଗଞ୍ଜେଇ ଗାଡ଼ିରୁ ଅନ୍ୟ ଦୁଇ ଜଣ ଫେରାର ହୋଇଯାଇଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ଉଚ୍ଚ ଅଦାଲତ ଦ୍ୱାରା ଖସି ଯାଇଥିବା ଅଭିଯୁକ୍ତ ଡିସ୍‌ଚାର୍ଜ ହୋଇଥିଲେ। ସରକାରଙ୍କ ପକ୍ଷରୁ ପବ୍ଲିକ ପ୍ରସିକ୍ୟୁଟର ବିଷ୍ଣୁ ପ୍ରସନ୍ନ ମହାପାତ୍ର ମକଦ୍ଦମା ପରିଚାଳନା କରିଥିଲେ ।

### ଏକାଧିକ ମାମଲାରେ ସମ୍ପୃକ୍ତ ଡକାୟତ ଗିରଫ

**ଓଡ଼ଗାଁ, ୮।୧ (ସ୍ୱ.ପ୍ର.):** ନୟାଗଡ଼ ଜିଲା ଓଡ଼ଗାଁ ଓ ନୂଆଗାଁ ଥାନା ଅଞ୍ଚଳରେ ଘଟିଥିବା ଡକାୟତି ସହିତ କାର ଲୁଟ୍ ଘଟଣାର ମୁଖ୍ୟ ଅଭିଯୁକ୍ତଙ୍କୁ ପୋଲିସି ଗିରଫ କରି ଶନିବାର କୋର୍ଟ ଚାଲାଣ କରିଥିଲା । ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଗିରଫ ଯୁବକ ହେଲେ ସ୍ଥାନୀୟ ଆଦର୍ଶ ଥାନା ଓ ବାହାଡ଼ାଝୋଲା ଫାଣ୍ଡି ଅନ୍ତର୍ଗତ ହରିପୁର ଗ୍ରାମର ପଦ୍ମଲୋଚନ ନାୟକ(୩୧) । ପଦ୍ମଲୋଚନ ବିରୋଧରେ ଭାଟସାହି ନିକଟରେ ଅର୍ଥଲଗାଣାକାରୀ ସଂସ୍ଥା କର୍ମଚାରୀଙ୍କଠାରୁ ୪୮ ହଜାର ଟଙ୍କା ଲୁଟ, ସୁନାମୁହିଁ ଲୁଟ୍ ଘଟଣା ସହିତ ଅନ୍ୟ କେତେକ ମାମଲାରହିଛି । ନୂଆଗାଁ ଥାନା ଅଞ୍ଚଳରେ କାର ଲୁଟ୍ ସଂକ୍ରାନ୍ତରେ ଏକ ମାମଲା (ନଂ.୫୯/୨୧) ବି ଅଛି । ପୋଲିସ ଏସ୍ଆଇ ସତ୍ୟ କୁମାର ପରିଡ଼ାଙ୍କ ସୂଚନା ଅନୁସାରେ ପଦ୍ମଲୋଚନକୁ କୌଶଳକ୍ରମେ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରାଯାଇଛି ।

### ବ୍ୟଙ୍ଗ କବି ଯଦୁମଣିଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ

**ନୟାଗଡ଼ ଅଫିସ,୮।୧:** ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଯଦୁମଣି କ୍ଲବ ମିଳିତ ସହଯୋଗରେ ଉତ୍କଳ ଘଣ୍ଟ ବ୍ୟଙ୍ଗ କବି ଯଦୁମଣି ମହାପାତ୍ରଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଶନିବାର ଅନୁଷ୍ଠିତ ହୋଇଯାଇଛି । ଇଟାମାଟି ପଞ୍ଚାୟତ ପଡ଼ିଆରେ ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ ଅଶୋକ କୁମାର ନାୟକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଶରଣାରବିନ୍ଦ ଓଝା, ସୂଚନା ଅଧିକାରୀ ସଚ୍ଚିଦାନନ୍ଦ ବେହେରା, ସାହିତ୍ୟିକ ଡ. ପ୍ରେମାନନ୍ଦ ମହାପାତ୍ର, ସାହିତ୍ୟ ଏକାଡେମୀ ପୂର୍ବତନ ସଦସ୍ୟ ଶରତ ଚନ୍ଦ୍ର ଆଚାର୍ଯ୍ୟ, ବ୍ୟଙ୍ଗକବି ବ୍ରଜ ସୁବୁଦ୍ଧି, ରବିନ୍ଦ୍ର ରାଉତ ପ୍ରମୁଖ ଯୋଗ ଦେଇଥିଲେ । ବକ୍ତାମାନେ ଯଦୁମଣିଙ୍କ ଜୀବନୀ ଏବଂ ସାହିତ୍ୟ କୃତୀ ଉପରେ ଆଲୋଚନା କରିଥିଲେ । କବି ଓ ସାହିତ୍ୟିକ ଯୋଗ ଦେଇ କବିତା ପାଠ କରିବା ସହ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

# ଚାଷୀ ଦେଉଛନ୍ତି ଜଳକର, ଜମିକୁ ମାଡୁନି ପାଣି

- କାମରେ ଆସୁନି ଜଳସେଚନ ବ୍ୟବସ୍ଥା
- କାହା ସ୍ୱାର୍ଥରେ ସରକାରଙ୍କ ଅର୍ଥ ବ୍ୟୟ

ନୂଆଗାଁ,୮।୧(ଡି.ଏନ.ଏ.)

କୃଷକ ହେଉଛନ୍ତି ଦେଶର ମେରୁଦଣ୍ଡ । କୃଷକଙ୍କ ଉନ୍ନତିରେ ଦେଶର ଉନ୍ନତି । ତେଣୁ ସରକାର କୃଷି କାର୍ଯ୍ୟକୁ ଗୁରୁତ୍ୱ ଦେବା ସହ କୃଷକମାନଙ୍କ ପାଇଁ ନାନା ଯୋଜନା ପ୍ରସ୍ତୁତ କରୁଛନ୍ତି। କୃଷି ପାଇଁ ପାଣିର ପ୍ରଥମ ଆବଶ୍ୟକତା ରହିଥିବା ଯୋଗୁ ପ୍ରତି ଜମିକୁ କିଭଳି ଜଳସେଚନ କରାଯାଇ ପାରିବ ସେଥିପାଇଁ ସରକାର ଅନେକ କୋଟି ଟଙ୍କା ବ୍ୟୟ କରୁଛନ୍ତି । ବିଭିନ୍ନ ବିଭାଗ ମାଧ୍ୟମରେ ଜଳସେଚନ ବ୍ୟବସ୍ଥା ଚାଲିଛି । କିନ୍ତୁ ବିଭାଗୀୟ ଅଧିକାରୀମାନଙ୍କ ଅପାରଗତା ଯୋଗୁ ସରକାରଙ୍କ ଯୋଜନା ଓ ଅର୍ଥ ବ୍ୟୟ ବ୍ୟର୍ଥ ଯିବା ସହ ଚାଷୀମାନେ ସେହି ସୁବିଧା ପାଇବାରୁ ବଞ୍ଚିତ ହୋଇଛନ୍ତି ।



ଅଚଳ ହୋଇ ପଡିଥିବା ଜଳସେଚନ ପ୍ରକଳ୍ପ ।

ନୟାଗଡ଼ ଜିଲା ନୂଆଗାଁ ତହସିଲ ଅଧୀନରେ ୩୨,୫୪.୭୩ ଏକର ଚାଷଜମି ରହିଛି । ସେଥିମଧ୍ୟରୁ ୩,୫୨.୮୪ ଏକର ଜଳସେଚିତ ଜମି ବୋଲି ସରକାରଙ୍କ ତଥ୍ୟ କହୁଛି। ଜଳସେଚିତ ଜମି ପାଇଁ ଚାଷୀମାନେ ଜଳକର ବାବଦକୁ ବର୍ଷକୁ ଏକର ପିଛା କିସମ ଅନୁସାରେ ୧୦୨ଟଙ୍କା, ୭୫ ଟଙ୍କା ଓ ୪୫ ଟଙ୍କା ଦେଉଛନ୍ତି। ପ୍ରତିବର୍ଷ ଜଳକର ନ ଦେଲେ ତା'ପର ବର୍ଷ ବକେୟା ବାବଦକୁ ସୁଧ ମଧ୍ୟ ଆଦାୟ କରୁଛି ରାଜସ୍ୱ ବିଭାଗ। କିନ୍ତୁ ନୂଆଗାଁ ତହସିଲର ମହିତମା ରାଜସ୍ୱ ବିଭାଗର ସୋରଡା ଗ୍ରାମର ମାତ୍ର ଅଳ୍ପ କିଛି ଜମିକୁ ଛାଡି ଦେଲେ କୌଣସି ଜମିରେ ପାଣି ମାଡୁ ନାହିଁ । ଜଳସେଚନ ପାଇଁ କୁଆଁରିଆ ନଦୀରୁ ପାଣି ଆସିବା ପାଇଁ ଡ୍ରେନ କରାଯାଇଥିଲେ ମଧ୍ୟ ବର୍ତ୍ତମାନ ତାହା ସବୁ ପୋତି ହୋଇପଡିଲାଣି । ସେହିପରି ନୂଆଗାଁ, ମହିପୁର, ବାହାଡ଼ାଝୋଲା ରାଜସ୍ୱ ବିଭାଗ ଅଧୀନରେ ଥିବା ଚାଷଜମିକୁ ପାଣି ଯୋଗାଇବା ପାଇଁ କ୍ଷୁଦ୍ର ଜଳସେଚନ ବିଭାଗ ଦ୍ୱାରା ଅନେକ ପ୍ରକଳ୍ପ କରାଯାଇଥିଲେ ମଧ୍ୟ କୌଣସି ଗୋଟିଏ ପ୍ରକଳ୍ପ କାମ କରୁ ନ ଥିବା ଚାଷୀମାନେ ଅଭିଯୋଗ କରିଛନ୍ତି । କେଉଁଠି ପ୍ରକଳ୍ପ ଅଧାପନ୍ତରିଆ ହୋଇ ପଡିରହିଛି ତ ଆଉ କେଉଁଠି ପାଣି ଅଟକାଇବା ପାଇଁ ଚାବି ଲାଗି ନାହିଁ । ପୁଣି କେଉଁଠି ନିମ୍ନମାନର ନିର୍ମାଣ କାର୍ଯ୍ୟ ଯୋଗୁ ପ୍ରକଳ୍ପ ଭାଙ୍ଗିରୁଜି ଗଲାଣି । ଜଳ ସମ୍ପଦ ବିଭାଗ, କ୍ଷୁଦ୍ର ଜଳସେଚନ , ଉଠା ଜଳସେଚନ ଆଦି ବିଭାଗ ଦ୍ୱାରା ସରକାର ବହୁ କୋଟି ଟଙ୍କା ବ୍ୟୟରେ ପ୍ରକଳ୍ପ ନିର୍ମାଣ କରୁଥିବା ବେଳେ ଠିକାଦାର ଓ ବିଭାଗୀୟ ଅଧିକାରୀମାନେ ନିର୍ମାଣ କାର୍ଯ୍ୟ କରି ଲାଭବାନ ହେଉଛନ୍ତି। ଅନ୍ୟପକ୍ଷେ ଚାଷୀମାନେ ଜଳ ଅଭାବରୁ ଚାଷ କାମ ନ କରି ପାରି ଦାଦନ ଖଟୁଥିବା ଦେଖିବାକୁ ମିଳୁଛି । ଜଳସେଚନ ପ୍ରକଳ୍ପ ନିର୍ମାଣର ସ୍ଥାନ ନିରୂପଣ, ନିର୍ମାଣ ଶୈଳୀ, ବାଲି, ସିମେଣ୍ଟ ଓ ଚିପ୍ସର ଭାଗମାପ ଠିକାଦାରକୁ ସୁହାଇଲା ଭଳି ସମ୍ପୃକ୍ତ ଅଧିକାରୀ ପ୍ରସ୍ତୁତ କରୁଥିବା ଯୋଗୁ ସରକାରଙ୍କ କୃଷକ ହିତ ସାଧନ ପାଇଁ ଜଳସେଚନ ଯୋଜନା ଫେଲ୍ ମାରିଥିବା ଦେଖିବାକୁ ମିଳିଛି । ଏ ସଂକ୍ରାନ୍ତରେ ନୂଆଗାଁ ତହସିଲଦାର ପ୍ରଜ୍ୟାନନ୍ଦ ଶତପଥୀଙ୍କୁ ପଚାରିବାରେ ଯେଉଁ ଚାଷୀମାନେ ଜଳସେଚନରୁ ବଞ୍ଚିତ ହେଉଛନ୍ତି ସେମାନେ ଲିଖିତ ଭାବେ ଅଭିଯୋଗ କଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବୁ ବୋଲି କହିଛନ୍ତି ।

### ନାବାଳକ ଚଲାଉଛନ୍ତି ବାଇକ୍, କାର୍ଯ୍ୟାନୁଷ୍ଠାନ ଶୂନ

ନୂଆଗାଁ,୮।୧(ଡି.ଏନ.ଏ.)

ରାସ୍ତାରେ ଗାଡ଼ି ଚଲାଇବା ପାଇଁ ସରକାରଙ୍କ ଅନେକ ନିୟମ ମାନିବାକୁ ପଡ଼ିଥାଏ । ଜଣେ ଚାଳକ ପ୍ରାପ୍ତବୟସ୍କ ହେଲା ପରେ ଗାଡ଼ି ଚଲାଇବା ପାଇଁ ଅନୁମତି ମିଳିଥାଏ । ଏଥିପାଇଁ ସମ୍ପୃକ୍ତ ବ୍ୟକ୍ତି ଆବଶ୍ୟକ ପରୀକ୍ଷା ଦେବା ପରେ ତାଙ୍କୁ ଡ୍ରାଇଭିଂ ଲାଇସେନ୍ସ ମିଳିଥାଏ। କିନ୍ତୁ ନୂଆଗାଁ ଥାନା ଅଞ୍ଚଳରେ ବିନା ଡ୍ରାଇଭିଂ ଲାଇସେନ୍ସରେ ନାବାଳକମାନେ ବାଇକ୍‌ରେ ଦୁଇ ତିନି ଜଣଙ୍କୁ ବସାଇ ଦ୍ରୁତ ଗତିରେ ଗାଡ଼ି ଚାଳନା କରୁଥିବା ଦେଖିବାକୁ ମିଳୁଛି । ସେମାନେ ବାଇକ୍ ଚଲାଉଥିବା ବେଳେ ମୋବାଇଲରେ କଥା ହେଉଥିବା ଦେଖିବାକୁ ମିଳିଛି । ଏ ସଂକ୍ରାନ୍ତରେ ଜଣେ ଛାତ୍ରଙ୍କୁ ପ୍ରଶ୍ନ କରିବାରୁ ମାସେ ତଳେ ତାଙ୍କ ଗାଡ଼ି ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ତାଙ୍କ ଆଖିରେ ଆଘାତ ଲାଗିଥିବା କଥା ସ୍ୱୀକାର କରିଛନ୍ତି । ଖୋର୍ଦ୍ଧା-ବଲାଙ୍ଗୀର ୫୭ନଂ. ଜାତୀୟ ରାଜପଥରେ ବାରମ୍ବାର ଦୁର୍ଘଟଣା ଘଟୁଥିଲେ ମଧ୍ୟ ଏଥିପ୍ରତି ପରିବହନ ବିଭାଗ ଦୃଷ୍ଟି ଦେଉ ନ ଥିବା ଅଭିଯୋଗ ହୋଇଛି । ଏ ସଂକ୍ରାନ୍ତରେ ନୟାଗଡ଼ ଜିଲା ପରିବହନ ଅଧିକାରୀ ସମ୍ବିତ୍ କୁମାରଙ୍କୁ ପଚାରିବାରୁ ଏଥିପ୍ରତି ଆମ୍ଭେ ନିଶ୍ଚିତ ଦୃଷ୍ଟି ଦେବୁ ବୋଲି କହିଛନ୍ତି ।

# କାଏମ ରହିଲା ଚିଠା ପ୍ରସ୍ତାବ

## କୌଣସି ପରିବର୍ତ୍ତନ ନ ହେବାରୁ ଆଶାୟୀ ହତାଶ

ନୟାଗଡ଼ ଅଫିସ,୮।୧

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ-୨୦୨୨ ନିମନ୍ତେ ନୟାଗଡ଼ ଜିଲା ପ୍ରଶାସନ ପକ୍ଷରୁ ପ୍ରକାଶ ପାଇଥିବା ସ୍ଥାନ ସଂରକ୍ଷଣ ତାଲିକା କାଏମ ରହିଛି । ଏଥିରେ କୌଣସି ପରିବର୍ତ୍ତନ ହୋଇନାହିଁ । ତେବେ କେତେକ ସ୍ଥାନରେ ବ୍ଲକ ଅଧ୍ୟକ୍ଷ, ସରପଞ୍ଚ, ୱାର୍ଡମେମ୍ବର ଓ ସମିତି ସଭ୍ୟ ସଂରକ୍ଷଣ ଆସନରେ ତ୍ରୁଟି ରହିଥିବା ନେଇ ଅଭିଯୋଗ ହୋଇଥିଲା । ସେହିପରି ଜିଲାରେ ୮ଟି ବ୍ଲକ ପାଇଁ ଅଧ୍ୟକ୍ଷ ପଦ ଓ ୧୯୪ ପଞ୍ଚାୟତରେ ସରପଞ୍ଚ ପାଇଁ ଅନୁସୂଚିତ ଜନଜାତି(ଆଦିବାସୀ)ଙ୍କ ପାଇଁ ସଂରକ୍ଷଣ ବ୍ୟବସ୍ଥା ନ ଥିଲା । ଏଥିରେ ଆଦିବାସୀଙ୍କ ପାଇଁ ସ୍ୱତନ୍ତ୍ର ସଂରକ୍ଷଣ ନ ଥିବାରୁ ସେମାନେ ଅସନ୍ତୋଷ ପ୍ରକାଶ କରିଥିଲେ । ତେବେ ପେସା ଆଇନ ସଂରକ୍ଷଣକୁ ବଦଳାଇ ଦେଇଛି ବୋଲି କୁହାଯାଇଥିଲା ।

### ବ୍ଲକ ଅଧ୍ୟକ୍ଷ ପଦ ଉପରେ ନଜର

ଜିଲାର ୮ ବ୍ଲକ ମଧ୍ୟରୁ ଗୋଟିଏ ଅନୁସୂଚିତ ଜାତି ଓ ୭ ବ୍ଲକ ଅସଂରକ୍ଷିତ ରହିଛି । ଏଥିରୁ ଓଡ଼ଗାଁ, ଭାପୁର, ନୟାଗଡ଼ ଓ ରଣପୁର ବ୍ଲକ ଅସଂରକ୍ଷିତ ରହିଥିବାବେଳେ ଖଣ୍ଡପଡ଼ା ବ୍ଲକ ଅନୁସୂଚିତ ଜାତି ମହିଳାଙ୍କ ପାଇଁ ସଂରକ୍ଷଣ ରହିଛି। ସେହିପରି ଗଣିଆ, ଦଶପଲ୍ଲା, ନୂଆଗାଁ ବ୍ଲକ ମହିଳାଙ୍କ ପାଇଁ ସଂରକ୍ଷିତ ରହିଛି। ଚୂଡ଼ାନ୍ତ ପର୍ଯ୍ୟାୟ ତାଲିକା ପ୍ରକାଶ ପାଇବା ପରେ ଆଶାୟୀମାନେ ବ୍ଲକ ଅଧ୍ୟକ୍ଷ ହେବା ପାଇଁ ନିଜର ଅନୁଗତଙ୍କୁ ପ୍ରାର୍ଥୀ କରିବାକୁ ଲବି ଆରମ୍ଭ କରି ଦେଇଛନ୍ତି ।

ହେଲେ ଚୂଡ଼ାନ୍ତ ତାଲିକାରେ କୌଣସି ପରିବର୍ତ୍ତନ ନ ହେବାରୁ ଅସନ୍ତୋଷ ପ୍ରକାଶ ପାଇଛି । ଆଶାୟୀ ହତାଶ ହୋଇଛନ୍ତି । ଜିଲାର ୮ ବ୍ଲକରେ ୮ ଅଧ୍ୟକ୍ଷ, ୧୯୪ ଜଣ ସରପଞ୍ଚ, ୧୯୪ ସମିତି ସଭ୍ୟ ଓ ୨୯୮୮ ୱାର୍ଡ ସଭ୍ୟ ଆସନ ପାଇଁ ଚୂଡ଼ାନ୍ତ ତାଲିକା ପ୍ରକାଶ ପାଇଛି । ୨୯୮୮ ୱାର୍ଡ ସଭ୍ୟ ଆସନରୁ ନୟାଗଡ଼ ବ୍ଲକରେ ୪୩୫, ଓଡ଼ଗାଁ ବ୍ଲକରେ ୫୭୪, ଦଶପଲ୍ଲା ବ୍ଲକରେ ୨୭୬, ନୂଆଗାଁ ବ୍ଲକରେ ୩୪୩, ଗଣିଆ ବ୍ଲକରେ ୧୧୯, ରଣପୁର ବ୍ଲକରେ ୫୧୭, ଭାପୁର ବ୍ଲକରେ ୩୪୨, ଖଣ୍ଡପଡ଼ା ବ୍ଲକରେ ୩୮୨ ଜଣ ୱାର୍ଡ ସଭ୍ୟ ପଦବୀ ରହିଛି । ଚିଠା ସଂରକ୍ଷଣ ପୂର୍ବରୁ ଗାଁ ଗଣ୍ଡାରେ ଭୋଜି ଭାତର ଆସର ଲାଗି ରହିଛି । ପୁଣି କର୍ମୀ ସମ୍ମିଳନୀ, ପଥପ୍ରାନ୍ତ ସଭା ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ କରାଯାଉଛି । ଏ ସବୁ ଭିତରେ କ୍ଷମତାରେ ରହିବାକୁ ଦଳ ବଦଳ ଚାଲିଛି ।

# ଗାୟକ ମଣ୍ଡଳର ଜିଲାସ୍ତରୀୟ ସମ୍ମିଳନୀ

ନୟାଗଡ଼ ଅଫିସ,୮।୧

ମା'ଦକ୍ଷିଣ କାଳୀ ଚନ୍ଦ୍ରଶେଖର ପାଲା ଗାୟକ ମଣ୍ଡଳ ନୟାଗଡ଼ର ୪୭ତମ ବାର୍ଷିକ ସମ୍ମିଳନୀ ଓ ଜିଲାସ୍ତରୀୟ ଆଲୋଚନା ଚକ୍ର ଶନିବାର ଅନୁଷ୍ଠିତ ହୋଇଯାଇଛି । ଏହି ସମ୍ମିଳନୀକୁ ରଣପୁର ବିଧାୟକ ସତ୍ୟନାରାୟଣ ପ୍ରଧାନ ଉଦ୍‌ଘାଟନ କରିଥିଲେ । କବିସୂର୍ଯ୍ୟ ସଦାନନ୍ଦ ବ୍ରହ୍ମା ପବ୍ଲିକ ସ୍କୁଲ ଶରଣକୁଳ ପରିସରରେ ଅନୁଷ୍ଠିତ ସଭାରେ ନୟାଗଡ଼ ଜିଲା ପାଲା ଗାୟକ ମଣ୍ଡଳ ସଭାପତି ପ୍ରଫୁଲ୍ଲ କୁମାର ଷଡ଼ଙ୍ଗୀ ସଭାପତିତ୍ୱ କରିଥିଲେ । ଏଥିରେ ରାଜ୍ୟ ପାଲା ପରିଷଦର ସଭାପତି ସିଦ୍ଧାନ୍ତଦର୍ଶୀ ମଦନ ମୋହନ ଜେନା ମୁଖ୍ୟଅତିଥି,ରାଜ୍ୟ ପାଲା ଗାୟକ ଟ୍ରଷ୍ଟ ବୋର୍ଡ କୋଷାଧ୍ୟକ୍ଷ ଗାୟକ ସୁଧାକର ଯୁଧିଷ୍ଠିର ପରିଡ଼ା ଓ ଅଖଣ୍ଡ ପୁରୀ ପାଲା ଗାୟକ ସଂଘ ଉପଦେଷ୍ଟା ଅରୁଣ ଚକ୍ରଧର ବାରିକ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ଗାୟକ କଳାନିଧି ମନୋଜ କୁମାର ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ସମ୍ମିଳନୀର ପ୍ରଥମ ଅଧିବେଶନରେ ଉପସ୍ଥିତ ୫୦ରୁ ଉର୍ଦ୍ଧ୍ୱ ପାଲା ଗାୟକ ରୀତି ଯୁଗୀୟ ବୈଷ୍ଣବ କବି କବିସୂର୍ଯ୍ୟ ସଦାନନ୍ଦ ବ୍ରହ୍ମାଙ୍କ ଲିଖିତ ଲଳିତ ଲୋଚନା ,ପ୍ରେମ କଳ୍ପଲତା ,ଯୁଗଳ ରସାମୃତ ଲହରୀ ,ନିଷ୍କାମୀକମଣି ,ମୋହନଲତା ,ପାଟରତ୍ନାବଳୀ ଆଦି କାବ୍ୟ ଉପରେ ଆଲୋଚନା କରିବା ସହିତ ତାଙ୍କ ଦ୍ୱାରା ଲିଖିତ ଭଜନ ,ଜଣାଣ ଓ କବିତାଗୁଡ଼ିକୁ ପାଠ କରିଥିଲେ । ସେହିପରି ଦ୍ୱିତୀୟ ଅଧିବେଶନରେ ସାଙ୍ଗଠନିକ ଆଲୋଚନା ଅନୁଷ୍ଠିତ ହୋଇଥିଲା । ଏଥିରେ ରାଜ୍ୟ ପାଲା ଗାୟକ ପରିଷଦ ପକ୍ଷରୁ ରାଜ୍ୟପାଳଙ୍କ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଥିବା ୧୦ ଦଫା ଦାବି ଉପରେ ଆଲୋଚନା କରାଯାଇଥିଲା । ତୃତୀୟ ଅଧିବେଶନରେ ପାଲା ଓ ଦାସକାଠିଆ ସଂସ୍କୃତିର ସୁରକ୍ଷା ପାଇଁ କାର୍ଯ୍ୟ କରୁଥିବା ପ୍ରତିଭା ଯୋଗୀନାଥ ପତିଙ୍କୁ ନୀଳକଣ୍ଠ ଦେବ ସ୍ମୃତି ସମ୍ମାନ ,ଲଡୁକେଶ୍ୱର ଶୁକ୍ଳଙ୍କୁ ଶ୍ରେଷ୍ଠ ପାଳିଆ ,ନିରଞ୍ଜନ ନାୟକଙ୍କୁ ଶ୍ରେଷ୍ଠ ବାୟକ , ବିଶ୍ୱନାଥ ପ୍ରଧାନଙ୍କୁ ଶ୍ରେଷ୍ଠ ଦାସ କାଠିଆ ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା ।

### କ୍ରୀଡ଼ା ପ୍ରତିଭା ଅନ୍ୱେଷଣ ପାଇଁ ଅନ୍ ଲାଇନ୍ ପଞ୍ଜୀକରଣ

ନୟାଗଡ଼ ଅଫିସ,୮।୧

ଓଡ଼ିଶା ସରକାର କ୍ରୀଡ଼ା ଓ ଯୁବସେବା ବିଭାଗ ଦ୍ୱାରା ୮ ରୁ ୧୮ ବର୍ଷ ବୟସର ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଲୁକାୟିତ କ୍ରୀଡ଼ା ପ୍ରତିଭା ଅନ୍ୱୋଷଣ ପାଇଁ ଅନ୍‌ଲାଇନ୍ ମାଧ୍ୟମରେ ନାମ ପଞ୍ଜୀକରଣ କରିବା ପାଇଁ ବ୍ୟବସ୍ଥା କରିଛନ୍ତି । ଏଥିପାଇଁ ୱେବ୍‌ସାଇଟ୍ ମାଧ୍ୟମରେ ନାମ ପଞ୍ଜୀକରଣ ଲାଗି ଆସନ୍ତା ୧୫ ତାରିଖ ସୁଦ୍ଧା ଦରଖାସ୍ତ ଆହ୍ୱାନ କରାଯାଇଛି । ପଞ୍ଜୀକୃତ ଛାତ୍ରୀଛାତ୍ରମାନଙ୍କୁ ବିଭିନ୍ନ ପର୍ଯ୍ୟାୟରେ ଉପଯୁକ୍ତ ପରୀକ୍ଷଣ ମାଧ୍ୟମରେ କ୍ରୀଡ଼ା ପ୍ରତିଭା ଚୟନ କରାଯିବ। ଚୟନ ହୋଇଥିବା ପ୍ରତିଭାମାନଙ୍କୁ ଛାତ୍ରାବାସରେ ରହିବାର ବ୍ୟବସ୍ଥା କରାଯିବ । ଅନ୍ୟପକ୍ଷେ କ୍ରୀଡ଼ା ଛାତ୍ରାବାସ ବାହାରେ ରହି କ୍ରୀଡ଼ା ବିଭାଗ ଦ୍ୱାରା ପରିଚାଳିତ ବିଭିନ୍ନ ଶୃଙ୍ଖଳାରେ ସେମାନେ ପ୍ରଶିକ୍ଷଣ ଲାଭ କରିପାରିବେ । ଭବିଷ୍ୟତରେ ସେମାନେ ନିଜର ଦକ୍ଷତା ପ୍ରଦର୍ଶନ କଲେ ଯୋଗ୍ୟ କ୍ରୀଡ଼ାବିତ ଓ କ୍ରୀଡ଼ା ପ୍ରଶିକ୍ଷକ ତଥା ବିଭିନ୍ନ କ୍ଷେତ୍ରରେ ନିଯୁକ୍ତିର ସୁଯୋଗ ପାଇପାରିବେ । ସବିଶେଷ ତଥ୍ୟ ଜାଣିବା ପାଇଁ ଜିଲା କ୍ରୀଡ଼ା ଅଧିକାରୀ ସୁଜାତା କୁମାରୀ ସାହୁଙ୍କ ସହିତ ଯୋଗାଯୋଗ କରିବା ପାଇଁ ଅନୁରୋଧ କରାଯାଇଛି ।




ପ୍ଲାଷ୍ଟିକ ଓ ପଲିଥିନ୍ ବର୍ଜନ ପାଇଁ ନୟାଗଡ଼ ପୌରପରିଷଦ ପକ୍ଷରୁ ଶନିବାର ବାହାରିଥିବା ସଚେତନତା ଶୋଭାଯାତ୍ରା ।

# ପ୍ଲାଷ୍ଟିକ ବର୍ଜନ ପାଇଁ ସଚେତନତା ଶୋଭାଯାତ୍ରା

ନୟାଗଡ଼ ଅଫିସ,୮।୧

ନୟାଗଡ଼ ଜିଲାସଦର ମହକୁମାରେ ପ୍ଲାଷ୍ଟିକ୍ ଓ ପଲିଥିନର ବ୍ୟବହାର ବଢ଼ି ଚାଲିଛି । ସରକାର ପଲିଥିନକୁ ବ୍ୟାନ୍ କରିଥିବାବେଳେ ଏହାର ବ୍ୟବହାର କମୁନି । ଗ୍ରାହକ ବ୍ୟାଗ୍‌ରେ ସଉଦା ଆଣିବା ଅପେକ୍ଷା ପଲିଥିନରେ ଆଣିବାକୁ ଆଗ୍ରହ ପ୍ରକାଶ କରୁଛନ୍ତି । ଦୋକାନୀ ନିଜର ବ୍ୟବସାୟକୁ ଆଖି ଆଗରେ ରଖି ପଲିଥିନ ଦେବାକୁ ମନା କରିପାରୁ ନାହାନ୍ତି । ନୟାଗଡ଼ ମ୍ୟୁନିସିପାଲିଟି ପକ୍ଷରୁ ପଲିଥିନ ଧରପଗଡ଼ ମଧ କରାଯାଉନି। ଏହି ସୁଯୋଗରେ ଦୋକାନୀ ଓ ଗ୍ରାହକମାନେ ପଲିଥିନ୍ ବ୍ୟବହାର ବନ୍ଦ କରିନାହାନ୍ତି। ଏଭଳିସ୍ଥଳେ ନୟାଗଡ଼ ମ୍ୟୁନିସିପାଲିଟି ପକ୍ଷରୁ ସହରବାସୀଙ୍କ ସଚେତନତା ଉଦ୍ଦେଶ୍ୟରେ ପ୍ଲାଷ୍ଟିକ ବର୍ଜନ ଶୋଭାଯାତ୍ରା ଶନିବାର ଅନୁଷ୍ଠିତ ହୋଇଛି। ସ୍ୱଚ୍ଛ ସର୍ବେକ୍ଷଣ ୨୦୨୨ ଅନୁସାରେ ପୌରକାର୍ଯ୍ୟାଳୟଠାରୁ ପଠାଣୀସାମନ୍ତ ଅଡିଟୋରିୟମ ପର୍ଯ୍ୟନ୍ତ ଏହି ଶୋଭାଯାତ୍ରା ଯାଇଥିଲା। ଶୋଭାଯାତ୍ରାରେ ସ୍ୱଚ୍ଛସାଥି, ସୁପରଭାଇଜର ଓ ସଫେଇ କର୍ମଚାରୀ ସାମିଲ ହୋଇଥିଲେ। ମୁଖ୍ୟଅତିଥି ରୂପେ ଖବରଦାତା ରାମକୃଷ୍ଣ ରଥ ଯୋଗଦେଇ ପ୍ଲାଷ୍ଟିକ୍ ବର୍ଜନ ଉପରେ ଗୁରୁତ୍ୱାରୋପ କରିଥିଲେ ।

### ବରିଷ୍ଠ ଦେୱାନୀ ଜଜ୍‌ଙ୍କ ଦାୟିତ୍ୱ ଗ୍ରହଣ

**ଖଣ୍ଡପଡ଼ା,୮।୧(ସ୍ୱ.ପ୍ର.):** ଖଣ୍ଡପଡ଼ାରେ ନୂତନ ବରିଷ୍ଠ ଦେୱାନୀ ଜଜ୍ ଭାବେ ସତ୍ୟପ୍ରିୟ ଦାସ କାର୍ଯ୍ୟରେ ଯୋଗଦେଇ ଦାୟିତ୍ୱ ଗ୍ରହଣ କରିଛନ୍ତି । ଖଣ୍ଡପଡ଼ା ବାର ଆସୋସିଏଶନର ସଦସ୍ୟମାନେ ନୂତନ ବରିଷ୍ଠ ଦେୱାନୀ ଜଜ୍‌ଙ୍କୁ ସ୍ୱାଗତ କରିବା ସହ ଶୁଭେଚ୍ଛା ଜଣାଇଛନ୍ତି । ସୂଚନା ଯୋଗ୍ୟ ଏହି ପଦବୀଟି ୧ମାସରୁ ଉର୍ଦ୍ଧ୍ୱ ସମୟ ଧରି ଖାଲି ପଡିଥିଲା ।

# କରୋନା ମୁକାବିଲା ପାଇଁ ପ୍ରଶାସନର ପ୍ରସ୍ତୁତି

ନୟାଗଡ଼ ଅଫିସ,୮।୧

ନୟାଗଡ଼ ଜିଲାପାଳ ପୋମା ଟୁଡୁ ଶନିବାର ଭର୍ଚୁଆଲ ମାଧ୍ୟମରେ କରୋନା ମହାମାରୀ ନେଇ ପ୍ରଶାସନିକ ଅଧିକାରୀମାନଙ୍କୁ ପ୍ରସ୍ତୁତ ରହିବା ପରାମର୍ଶ ଦେଇଛନ୍ତି । ଓମିକ୍ରନ ସଂକ୍ରମଣ ଉପରେ ସଚେତନତା କରିବା ସହିତ ଜିଲାର ସମସ୍ତ ବିଡିଓ, ତହସିଲଦାର, ଥାନାଧିକାରୀ, ସିଡିପିଓ ଓ ମେଡିକାଲ କର୍ମଚାରୀମାନେମାନେ ପ୍ରତିଦିନ ବୈଠକ କରି ଜିଲାର କରୋନା ସ୍ଥିତିକୁ ଅନୁଧ୍ୟାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଜନଗହଳି ରୋକିବା ପାଇଁ ଥାନା ଅଧିକାରୀମାନେ ନଜର ରଖିବା ପାଇଁ ପରାମର୍ଶ ଦିଆଯାଇଛି । ତହସିଲଦାରମାନଙ୍କୁ କଣ୍ଟେନମେଣ୍ଟ ଘୋଷଣା ପାଇଁ କ୍ଷମତା ପ୍ରଦାନ କରାଯାଇଛି । ମୁଖ୍ୟତଃ ଅଧିକ ଆରଟିପିସିଆର୍ ଓ ଆଣ୍ଟିଜେନ ଟେଷ୍ଟିଂ ପାଇଁ ଗୁରୁତ୍ୱ ଦିଆଯାଇଛି । ଅଙ୍ଗନୱାଡ଼ି ଓ ଆଶାକର୍ମୀମାନେ ଜନସାଧାରଣଙ୍କ ଉପରେ ଫୋକସ ଦେବା ପାଇଁ ପରାମର୍ଶ ଦିଆଯାଇଛି । ରାଜ୍ୟ ଓ ରାଜ୍ୟ ବାହାରୁ ଆସୁଥିବା ଲୋକଙ୍କ ଉପରେ ନଜର ରଖିବା ସହ ଅଧିକ ମାତ୍ରାରେ ଟେଷ୍ଟିଂ କରିବା ପାଇଁ ଗୁରୁତ୍ୱ ଦିଆଯାଇଛି । କଣ୍ଟାକ୍ଟ ଟ୍ରେସିଂ କରାଗଲେ କରୋନା ଅଧିକ ମାତ୍ରାରେ ହ୍ରାସ ପାଇବ ବୋଲି ଜିଲାପାଳ ପ୍ରକାଶ କରିଛନ୍ତି । ୧୫ ରୁ ୧୮ ବର୍ଷ ଛାତ୍ରୀଛାତ୍ରମାନଙ୍କୁ ଟିକା ଦେବାରେ ଗୁରୁତ୍ୱାରୋପ କରାଯାଇଛି । ଗର୍ଭବତୀମାନଙ୍କ ଉପରେ ଅଧିକ ନଜର ଦେବା ପାଇଁ ସିଡିପିଓଙ୍କୁ କୁହାଯାଇଛି । ମାସ୍କ ପିନ୍ଧିବା ଓ କୋଭିଡ୍ ନିୟମକୁ ପାଳନ କରିବା ପାଇଁ ପରାମର୍ଶ ଦିଆଯାଇଛି। ଜିଲାରେ କାର୍ଯ୍ୟରତ ଚାନ୍ଦପୁର ଓ ଖଣ୍ଡପଡ଼ା କୋଭିଡ୍ ସେଣ୍ଟରକୁ ପ୍ରସ୍ତୁତ ରଖିବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି । କୋଭିଡ୍ ନିୟମକୁ ଉଲ୍ଲଂଘ କରୁଥିବା ବ୍ୟକ୍ତି ବିଶେଷ ଓ ବ୍ୟବସାୟିକ ଅନୁଷ୍ଠାନ ଉପରେ କଡ଼ା ନଜର ରଖିବା ପାଇଁ ଜିଲାପାଳ କହିଛନ୍ତି । ନାଇଟ କର୍ଫ୍ୟୁ କଡ଼ାକଡ଼ି ଭାବେ ପାଳନ କରିବା ପାଇଁ ସମସ୍ତ ଥାନା ଅଧିକାରୀମାନଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ଏହି ଭର୍ଚୁଆଲ ବୈଠକରେ ଅତିରିକ୍ତ ଜିଲାପାଳ ବିଧାନ ଚନ୍ଦ୍ର ରାୟ, ପ୍ରକଳ୍ପ ନିର୍ଦ୍ଦେଶକ ସୁବାସ ଚନ୍ଦ୍ର ରାୟ, ଉପଜିଲାପାଳ ଲଗ୍ନଜିତ ରାଉତ, ସମସ୍ତ ତହସିଲଦାର, ବିଡିଓ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଯୋଗ ଦେଇଥିଲେ ।

# ଧର୍ମଠାରୁ ଦୂରେଇ ଯାଉଛି ଧର୍ମଶାଳା

ଖଣ୍ଡପଡ଼ା,୮।୧(ସ୍ୱ.ପ୍ର.)

ଦେଶ ସ୍ୱାଧୀନ ହେବା ପୂର୍ବରୁ ଧର୍ମପ୍ରାଣ ବ୍ୟକ୍ତିମାନେ ବିଭିନ୍ନ ଧର୍ମପୀଠରେ ଧର୍ମଶାଳା ନିର୍ମାଣ କରୁଥିଲେ । ଏହାଦ୍ୱାରା ରାଜ୍ୟ ତଥା ରାଜ୍ୟ ବାହାରୁ ଆସୁଥିବା ସାଧାରଣ ନାଗରିକ ବା ପର୍ଯ୍ୟଟକମାନେ ଉପକୃତ ହେଉଥିଲେ। ସମ୍ପ୍ରତି ବିଭିନ୍ନ ସହରରେ ହୋଟେଲ କିମ୍ବା ଲଜ୍ ଖୋଲାଯାଇଥିଲେ ମଧ୍ୟ ବହୁ ଗରିବ ଶ୍ରେଣୀର ବ୍ୟକ୍ତି ବା ପର୍ଯ୍ୟଟକ ଧର୍ମଶାଳା ଉପରେ ନିର୍ଭର କରିଥାନ୍ତି। କିନ୍ତୁ କଣ୍ଟିଲୋ ଶ୍ରୀ ନୀଳମାଧବ କ୍ଷେତ୍ରରେ ଥିବା ଧର୍ମଶାଳାଗୁଡ଼ିକ ଆବଶ୍ୟକ ରକ୍ଷଣାବେକ୍ଷଣ ଅଭାବରୁ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି । ଫଳରେ ଯେଉଁ ଲକ୍ଷ୍ୟ ନେଇ ଧର୍ମଶାଳା ନିର୍ମାଣ ହୋଇଥିଲା ତାହା ଆଉ କାମରେ ଲାଗୁନାହିଁ । ରାଜ୍ୟ ସରକାର ପର୍ଯ୍ୟଟନକୁ ଗୁରୁତ୍ୱ ଦେଉଥିବା ବେଳେ କଣ୍ଟିଲୋରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି । ଦୂରଦୂରାନ୍ତରୁ ଆସୁଥିବା ପର୍ଯ୍ୟଟକମାନେ ରହିବାକୁ ହଇରାଣ ହେଉଛନ୍ତି । ଏ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

ନୟାଗଡ଼ ଜିଲା ଅନ୍ତର୍ଗତ କଣ୍ଟିଲୋ ଶ୍ରୀ ନୀଳମାଧବ ଜୀଉ ତଥା କଂସା ପିତଳ ବାସନ ଶିଳ୍ପ ପାଇଁ ରାଜ୍ୟ ଓ ରାଜ୍ୟ ବାହାରେ ପ୍ରସିଦ୍ଧି ଲାଭ କରିଛି। ପୂର୍ବରୁ ଯେତେବେଳେ ଯାନବାହାନର ସୁବିଧା ନ ଥିଲା ସେତେବେଳେ ସୁଦୂର ଛତିଶଗଡ଼, ରାୟପୁର, ବିଳାସପୁର ସହିତ ରାଜ୍ୟର ପଶ୍ଚିମାଞ୍ଚଳ ଭାବେ ପରିଚିତ ସମ୍ବଲପୁର, ବଲାଙ୍ଗୀର ଆଦି ଅଞ୍ଚଳର ଜଗନ୍ନାଥପ୍ରେମୀ ଭକ୍ତମାନେ ପାଦରେ ଚାଲି ଚାଲି ଏଠାକୁ ଆସୁଥିଲେ। ଜଙ୍ଗଲ ଓ ପାହାଡ଼ ମଧ୍ୟରେ ଦୀର୍ଘ ପଥ ଅତିକ୍ରମ କରି ଆସୁଥିବା ଯାତ୍ରୀମାନେ ନୀଳମାଧବ କ୍ଷେତ୍ରରେ ୨ ଦିନ ବିଶ୍ରାମ ନେବା ପରେ ପୁରୀ ଶ୍ରୀକ୍ଷେତ୍ରକୁ ଯାତ୍ରା କରୁଥିଲେ। କଣ୍ଟିଲୋରେ ସେହି ଯାତ୍ରୀମାନଙ୍କ ରହଣୀର ଅସୁବିଧାକୁ ଲକ୍ଷ୍ୟ କରି ସ୍ଥାନୀୟ ଅଞ୍ଚଳର ସ୍ୱର୍ଗତ ଅଇଁଠା ଚୌଧୁରୀ ନୀଳମାଧବ ମନ୍ଦିରର ଦକ୍ଷିଣ ଦ୍ୱାର ନିକଟରେ ଏକ ଧର୍ମଶାଳା ନିର୍ମାଣ କରିଥିଲେ । ଏହି ଧର୍ମଶାଳା ନିକଟରେ ମହାନଦୀ ପ୍ରବାହିତ ହେଉଥିବାରୁ ଯାତ୍ରୀମାନେ ସହଜ ଓ ସୁବିଧାରେ ସ୍ନାନ କରି ଶ୍ରୀନୀଳମାଧବ ଜୀଉଙ୍କ ଦର୍ଶନ କରୁଥିଲେ । ପରବର୍ତ୍ତୀ ସମୟରେ ଶିକ୍ଷାର ବିକାଶ ନିମନ୍ତେ ସେହି ଧର୍ମଶାଳାକୁ ଭାଙ୍ଗି ଏକ ପ୍ରାଥମିକ ବାଳିକା ବିଦ୍ୟାଳୟ ପ୍ରତିଷ୍ଠା କରାଯାଇଥିଲା । ସେହିପରି କଣ୍ଟିଲୋ-ବାଘମାରୀ ରାଜ୍ୟ ରାଜପଥ ମୁଖ୍ୟ ପୂର୍ତ୍ତ ବିଭାଗ ରାସ୍ତା ପାର୍ଶ୍ୱ ନଡ଼ିଆ ପୋଖରୀ ନିକଟରେ ଆଉ ଏକ ଧର୍ମଶାଳା ବ୍ରିଟିଶ ଶାସନ ଅମଳରେ ନିର୍ମାଣ କରାଯାଇଥିଲା । ଏହି ଧର୍ମଶାଳାକୁ ନୀଳମାଧବ ବିଦ୍ୟାପୀଠର ତତ୍କାଳୀନ କର୍ତ୍ତୃପକ୍ଷ ବିଦ୍ୟାଳୟ କାର୍ଯ୍ୟାଳୟ ଭାବେ ବ୍ୟବହାର କରି ଆସୁଛନ୍ତି । କଣ୍ଟିଲୋରେ ଯାତ୍ରୀମାନଙ୍କ ରହଣୀର ଅସୁବିଧାକୁ ଲକ୍ଷ୍ୟ କରି କଣ୍ଟିଲୋ ଗ୍ରାମ ପଞ୍ଚାୟତର ତତ୍କାଳୀନ ସରପଞ୍ଚ ସ୍ୱର୍ଗତ ହରିହର ଦାସଙ୍କ ଉଦ୍ୟମରେ କଣ୍ଟିଲୋ ଯାତ୍ରାପଦା ବଜାର ଓ ଠାକୁରଙ୍କ ଚନ୍ଦନ ପୋଖରୀ ନିକଟରେ ଏକ ଧର୍ମଶାଳା ନିର୍ମାଣ କରାଯାଇଥିଲା । ଯାହାକି ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଶ୍ୱନାଥ ଦାସ ଉଦ୍‌ଘାଟନ କରିଥିଲେ । ଏହି ଧର୍ମଶାଳା ନିର୍ମାଣ ପରେ ପ୍ରତ୍ୟେହ ଏଠାକୁ ଆସୁଥିବା ଯାତ୍ରୀ ସେହି ଧର୍ମଶାଳାରେ ରହିବାର ସୁବିଧା ପାଉଥିଲେ । ମାତ୍ର ସମୟାନୁକ୍ରମେ ଉକ୍ତ ଧର୍ମଶାଳା ବିଗତ ପଞ୍ଚାୟତ କର୍ତ୍ତୃପକ୍ଷମାନଙ୍କ ଅଣଦେଖା ତଥା ଆବଶ୍ୟକ ରକ୍ଷଣାବେକ୍ଷଣ ଅଭାବରୁ ଦିନକୁ ଦିନ ଦୁର୍ବଳ ହେବାରେ ଲାଗିଲା। ଏବେ ଉକ୍ତ ଧର୍ମଶାଳା ଜରାଜୀର୍ଣ୍ଣ ଅବସ୍ଥାରେ ଥିବାରୁ ସେଠାରେ କେହି ଯାତ୍ରୀ ରହିବାକୁ ଆଗ୍ରହ ପ୍ରକାଶ କରୁ ନାହାନ୍ତି । ତେବେ କଣ୍ଟିଲୋ ସରପଞ୍ଚ ପ୍ରତାପ କୁମାର ସାହୁଙ୍କ କାର୍ଯ୍ୟକାଳ ସମୟରେ ଉକ୍ତ ଧର୍ମଶାଳାର ଆବଶ୍ୟକ ରକ୍ଷଣାବେକ୍ଷଣ ଦିଗରେ ପଦକ୍ଷେପ ଗ୍ରହଣ କରାଯାଇଥିଲା । ହେଲେ ପାନୀୟ ଜଳ ଯୋଗାଣର ବ୍ୟବସ୍ଥା ନ ଥିବା ଜଣାପଡ଼ିଛି । ତେବେ ପଞ୍ଚାୟତର ରାଜସ୍ୱ ବୃଦ୍ଧି ପାଇଁ ଉକ୍ତ ଧର୍ମଶାଳାକୁ ବାର୍ଷିକ ୧୨ହଜାର ୫ଶହ ଟଙ୍କାରେ ଜଣେ ବ୍ୟକ୍ତିଙ୍କୁ ନିଲାମ ସୂତ୍ରେ ଦିଆଯାଇଥିବା ସରପଞ୍ଚ ସାହୁଙ୍କଠାରୁ ସୂଚନା ମିଳିଛି। ଫଳରେ ଏଠାକୁ ଆସୁଥିବା ବହୁ ଭକ୍ତ ଓ ଯାତ୍ରୀ ରହିବା ପାଇଁ ଘରଟିଏ ଖୋଜି ଧର୍ମଶାଳାରୁ ଫେରୁଛନ୍ତି ବୋଲି ସେ କହିଛନ୍ତି ।



ପଞ୍ଚାୟତ ଧର୍ମଶାଳା ।

